


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୨୦୦ ଭୁବନେଶ୍ୱର ସୋମବାର, ଅପ୍ରେଲ୍ ୦୭.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.200 Bhubaneswar, Monday, April 07, 2025


## ୱାକଫ୍ ସଂଶୋଧିତ ବିଲ୍ ଉପରେ ବାଜିଲା ରାଷ୍ଟ୍ରପତିଙ୍କ ମୋହର




**ଆଇନ୍‌ରେ ପରିଣତ ହେଲା ବିଲ୍**

ନୂଆଦିଲ୍ଲୀ,୬/୪: ଆଇନ୍‌ରେ ପରିଣତ ହେଲା ୱାକଫ୍ ବିଲ୍ । ୱାକଫ ସଂଶୋଧିତ ବିଲ୍ ଉପରେ ବାଜିଲା ରାଷ୍ଟ୍ରପତିଙ୍କ ମୋହର । ରାଷ୍ଟ୍ରପତିଙ୍କ ମୋହର ପରେ ୱାକଫ୍ ସଂଶୋଧନ ବିଲ୍ ଆଇନରେ ପରିଣତ ହୋଇଛି । ବିଲ୍ ୱାକଫ୍ (ସଂଶୋଧିତ) ଆକ୍ଟ-୨୦୨୫ରେ ପରିଣତ । ସଂସଦର ଉଭୟ ଗୃହରେ ବିଲ୍ ପାସ୍ ପରେ ୱାକଫ୍ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଛି । ଏବେ ନୂଆ ୱକଫ ଆଇନକୁ ସାରା ଦେଶରେ ଲାଗୁ କରାଯିବ । ଏ ବାବଦ ପରବର୍ତ୍ତୀ ପ୍ରକ୍ରିୟା ସେହି ଆଧାରରେ ହେବ । ପୂର୍ବରୁ ଏହି ବିଲ୍ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା । ଲୋକସଭାରେ ବିଲ୍ ସପକ୍ଷରେ ୨୨୮ଟି ଭୋଟ୍ ପଡ଼ିଥିଲା ବେଳେ ଏହା ବିରୋଧରେ ୨୩୨ଟି ଭୋଟ୍ ପଡ଼ିଥିଲା । ଅନ୍ୟପଟେ ରାଜ୍ୟସଭାରେ ୧୨୮ ଜଣ ସାଂସଦ ୱାକଫ୍ ବିଲ୍‌କୁ ସମର୍ଥନ କରିଥିଲେ । ୯୫ ଜଣ ବିରୋଧ କରିଥିଲେ । ଅନ୍ୟପଟେ ଏହି ନୂଆ ଆଇନକୁ କଂଗ୍ରେସ ସମେତ କିଛି ଦଳ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ବିଭିନ୍ନ ରାଜ୍ୟରେ ମୁସଲିମ ସଂଗଠନ ମାନେ ବିରୋଧ ଜାରି ରଖିଛନ୍ତି । ନୂଆ ଆଇନ ଦ୍ୱାରା ୱକଫରେ ପକ୍ଷପାତିତା, ୱକଫ ସମ୍ପତ୍ତିର ଅପବ୍ୟବହାର ଓ ଜବରଦଖଲକୁ ରୋକିବା ସମ୍ଭବ ହୋଇପାରିବ ବୋଲି ସରକାର ଯୁକ୍ତି ବାଢିଛନ୍ତି

# OSHA ବନେଇବ ବିଶ୍ୱସ୍ତରୀୟ ରାସ୍ତା




ଭୁବନେଶ୍ୱର,୬/୪: ଗତ ବିଧାନସଭା ବଜେଟ୍ ଅଧିବେଶନରେ ପାରିତ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫କୁ ନେଇ ଏବେ ଚର୍ଚ୍ଚା। ବଡ଼ ସୂଚନା କ୍ରମେ ଏହି ବିଲ୍ କାର୍ଯ୍ୟକ୍ଷମ ହେଲେ ଭାରତ ସରକାରଙ୍କ ଏନଏଚଏଆଇ ସଂସ୍ଥା ଭଳି ଓଡ଼ିଶାରେ ଗଠନ ହେବ ଓଡ଼ିଶା ଷ୍ଟେଟ୍ ହାଇୱେ ଅଥରିଟି ବା OSHA। ଯାହାକି ରାଜ୍ୟରେ ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ କରିବାର କ୍ଷମତା ପାଇବ। ଏହି ସଂସ୍ଥା ଦ୍ୱାରା ରାଜ୍ୟର କୋଣ ଅନୁକୋଣରେ ୭୫ହଜାର କିଲୋମିଟର ଚକାଚକ୍ ରାସ୍ତା ନିର୍ମାଣ ହେବାର ଲକ୍ଷ୍ୟ ଥିବା ପୂର୍ତ୍ତମନ୍ତ୍ରୀ ସୂଚନା ଦେଇଥିବାବେଳେ ଜମି ଅଧିଗ୍ରହଣ, ପୁନର୍ବାସ, ପରିବେଶ ମଞ୍ଜୁରି ଭଳି ସମସ୍ୟା ଦୂର ପାଇଁ ମଧ୍ୟ ଓସା କାର୍ଯ୍ୟ କରିବ। ଯାହାକୁ ସ୍ୱାଗତ କରିଛନ୍ତି ସଡ଼କ ସୁରକ୍ଷା କର୍ମୀ। ରାଜ୍ୟରେ ନିର୍ମାଣ ହେବ ୭୫ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ । ଏହାର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ଗଠନ ହେବ ରାଜ୍ୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ବା OSHA ଠିକ୍ NHAI ଭଳି କାର୍ଯ୍ୟ କରିବ OSHA ନିକଟରେ ବିଧାନସଭାରେ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ-୨୦୨୫ ପାରିତ ହେବା ପରେ ସାମ୍ନାକୁ ଆସିଛି ଏଭଳି ତଥ୍ୟ ବିସ୍ତୃତ ସୂଚନା କ୍ରମେ- ରାଜ୍ୟ ରାଜପଥର ବିକାଶ, ପରିଚାଳନା, ସୁରକ୍ଷା ଏବଂ ନିୟନ୍ତ୍ରଣ ସହ ବୃହତ୍ ସଡକ ପ୍ରକଳ୍ପ ଗୁଡିକ ସାମଗ୍ରିକ ବିକାଶ ପାଇଁ ଓଡିଶା ରାଜ୍ୟ ରାଜପଥ ପ୍ରଧୀକରଣ ନାମରେ ଏକ ସ୍ୱୟଂ ଶାସିତ ସଂସ୍ଥା କାର୍ଯ୍ୟ କରିବ। ସ୍ୱତନ୍ତ୍ର ଆଇନ ଦ୍ୱାରା ଏହି ସଂସ୍ଥା ରାଜ୍ୟର ବିଭିନ୍ନ ସ୍ଥାନରେ ସବୁଦିନିଆ ସଡ଼କ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରି ପାରିବ। ରାଜ୍ୟ ରାଜପଥ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଯଥାକ୍ରମେ ଜମିଅଧିଗ୍ରହଣ, ପୁନର୍ବାସ, ପରିବେଶ ମଞ୍ଜୁରି ଓ ଜଙ୍ଗଲ ଜମି ମଞ୍ଜୁରି ଭଳି ଆନୁସଙ୍ଗିକ କାର୍ଯ୍ୟ ଏହି ସଂସ୍ଥା ଦ୍ୱାରା ସଂପାଦିତ ହେବ।ରାସ୍ତା ନିର୍ମାଣ ବେଳେ ସହର ମଧ୍ୟରେ ଟ୍ରାଫିକ ସମସ୍ୟାର ଦୂରୀକରଣ ପାଇଁ ଆପ୍ରୋଚ ରୋଡ ନିର୍ମାଣ ମଧ୍ୟ ଓସା କରିବ। ଏ ବିଲ୍‌କୁ ଉଭୟ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସ ଏବଂ ସଡକ ସୁରକ୍ଷା କର୍ମୀ ଉଭୟେ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଉନ୍ନତମାନର ରାସ୍ତା ନିର୍ମାଣ ସହ ସଡ଼କ ଦୁର୍ଘଟଣା କମିବ ବୋଲି କହିଛନ୍ତି ସଡ଼କ ସୁରକ୍ଷା କର୍ମୀ। ତେବେ ଏଠି ପ୍ରଶ୍ନ ଓସା ଭଳି ସଂସ୍ଥା ଅନ୍ୟ କେଉଁ ରାଜ୍ୟରେ କାର୍ଯ୍ୟ କରୁଛି କି ? ନିଜେ ପୂର୍ତ୍ତ ମନ୍ତ୍ରୀ ବିସ୍ତୃତ ସୂଚନା ରଖି କହିଛନ୍ତି- ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ର ଭଳି ୯ଟି ରାଜ୍ୟ ଏବେ ନିଜସ୍ୱ ରାଜ୍ୟ ରାଜପଥ ପ୍ରାଧୀକରଣ ରହିଛି। ଦୀର୍ଘ ୨୪ ବର୍ଷ ଭିତରେ ପୂର୍ବ ସରକାର ଏଭଳି ପନ୍ଥା ସମ୍ପର୍କରେ କେବେ ବି ଚିନ୍ତା କରିନଥିଲେ। ଓସା ଗଠନ ହେବା ଦ୍ୱାରା ଲ୍ୟାଣ୍ଡ ବ୍ୟାଙ୍କ ମଧ୍ୟ ତିଆରି ହେବ। ରାଜ୍ୟରେ ୬ ହଜାର ୬ଶହ କିଲୋମିଟର ଷ୍ଟେଟ ହାଇୱେ ଓ ଏକ୍ସପ୍ରେସ ୱେ କରିବାର ଯୋଜନା ରହିଛି। ଏଥିପାଇଁ ୧୮୦ ହାଜର କୋଟି ଟଙ୍କାର ଆବଶ୍ୟକତା ରହିଛି। ଏଥିପାଇଁ ସରକାର ଇନଭେଷ୍ଟମେଣ୍ଟ ଟ୍ରଷ୍ଟ, ବ୍ୟାଙ୍କ ଋଣ ଅବା ବଣ୍ଡ ଜରିଆରେ ପାଣ୍ଠି ସଂଗ୍ରହ କରିବେ। ତେବେ କେଉଁ ମଡେଲରେ କେଉଁ ରାସ୍ତା ହେବ ? ସେଥିପାଇଁ ଏକ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତି ଲାଗି ବିଦେଶୀ ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଛି। ଆଗାମୀ ୨୦୩୬ ଓ ୨୦୪୭ ମସିହାର ବର୍ଦ୍ଧିତ ଜନସଂଖ୍ୟା ପାଇଁ ରାସ୍ତାଘାଟର ଆବଶ୍ୟକତାକୁ ଆଖିରେ ରଖି ରାଜ୍ୟରେ କେଉଁ ରାସ୍ତାରେ କେତେ ଗାଡି ଗଡିବ ? ଉକ୍ତ ସଂସ୍ଥା ତାର ବିସ୍ତୃତ ବିବରଣୀ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବେ। ଓଡ଼ିଶା ଷ୍ଟେଟ ହାଇୱେଜ ଅଥରିଟି ବା ଓସାରେ ଜଣେ ଅଧ୍ୟକ୍ଷଙ୍କ ସହ ୪ଜଣ ପୂର୍ଣ୍ଣକାଳୀନ ସଦସ୍ୟ ନିଯୁକ୍ତ ହେବେ। ଫାଇନାନସ ମେମ୍ବର, ସେଫଟି ଓ ଟେକନୋଲୋଜି ମେମ୍ବର, ୱାର୍କସ, କଣ୍ଟ୍ରାକ୍ଟ ଓ ଅପରେସନ ମେମ୍ବର ଏବଂ ଜଣେ କନସୁଲେସନ ଆଣ୍ଡ ପାର୍ଟନରସିପ ମେମ୍ବର ମଧ୍ୟ ଏଥିରେ ରହିବେ। ରାଜ୍ୟ ସରକାରଙ୍କ ସର୍ଚ୍ଚ ଓ ସିଲେକସନ କମିଟି ମାଧ୍ୟମରେ ଏମାନଙ୍କୁ ନିଯୁକ୍ତ କରାଯିବ ।

## ବୌଦ୍ଧ ପୁଣି ଉତ୍ତପ୍ତ ସହର

ଭୁବନେଶ୍ୱର,୬/୪: ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବାୟୁମଣ୍ଡଳରେ ୫.୮ କିମି ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ପ୍ରଭାବରେ ଆଗାମୀ ୩୬ ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାଦ୍ୱାରା ଉପକୂଳ ଓଡ଼ିଶାରେ ଦିନର ତାପମାତ୍ରା ସାମାନ୍ୟ କମ ରହିବ। ତେବେ ପଶ୍ଚିମ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଦିନର ତାପମାତ୍ରା ପୁଣି ଥରେ ବୃଦ୍ଧି ପାଇବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବଢ଼ିବ। ଅନେକ ସ୍ଥାନରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରି ଅଧିକ ରହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସେପଟେ ୯ଟି ସହରର ତାପମାତ୍ରା ଆଜି ୪୦ ଡିଗ୍ରିରେ ପହଞ୍ଚିଛି। ରବିବାର ବୌଦ୍ଧରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରି ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼, ଝାରସୁଗୁଡ଼ା ଓ ଅନୁଗୁଳରେ ୪୧, ସୋନପୁର ଓ ବଲାଙ୍ଗୀରରେ ୪୦.୮, ସମ୍ବଲପୁରରେ ୪୦.୬, ହୀରାକୁଦରେ ୪୦.୧, ପାରଳାଖେମୁଣ୍ଡିରେ ୪୦ ଡିଗ୍ରି ରହିଥିଲା। ଭୁବନେଶ୍ୱର ଓ କଟକ ତାପମାତ୍ରା ପୁଣି ଥରେ ବଢ଼ିଛି। ଭୁବନେଶ୍ୱରରେ ଆଜି ୩୮ ଡିଗ୍ରି ଓ କଟକରେ ତାପମାତ୍ରା ୩୭.୬ ଡିଗ୍ରି ରହିଥିଲା।

## ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬/୪: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସେଠାରେ ସେ ରାଜ୍ୟ ସରକାରଙ୍କ ତରଫରୁ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ (ଆଇଓସିଏଲ୍), ପେଟ୍ରୋନେଟ ଏଲ୍‌ଏନ୍‌ଏଜି ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ସମେତ ପ୍ରମୁଖ ଉଦ୍ୟୋଗ ସହିତ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏହି ରଣନୈତିକ ସହଯୋଗ ପେଟ୍ରୋକେମିକାଲ ଏବଂ ରାସାୟନିକ ଶିଳ୍ପ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବା ପାଇଁ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି କରିବ। ସେହିପରି ବିଦ୍ୟମାନ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବା, ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ରାଜ୍ୟର ସାମଗ୍ରିକ ଅର୍ଥନୈତିକ ବିକାଶକୁ ବୃଦ୍ଧି କରିବା ଏହି ବୁଝାମଣାପତ୍ରର ଲକ୍ଷ୍ୟ ହେଉଛି। ଦୁଇ ଦିନିଆ କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଂଶୀଦାର ଏବଂ ଶିଳ୍ପ ନେତାଙ୍କ ସହିତଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବେ। ସେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟର ଦୃଷ୍ଟିକୋଣକୁ ରୂପରେଖ ଦେବେ, ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ରମୁଖ ସଂସ୍କାର ଏବଂ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିବେ ବୋଲି ଆଶା କରାଯାଉଛି।

## ଶ୍ରୀମନ୍ଦିର ସେବାୟତଙ୍କ ଦାଦାଗିରି
### ସାମ୍ବାଦିକାଙ୍କୁ ପ୍ରାଣାନ୍ତକ ଆକ୍ରମଣ ଅଭିଯୋଗ



ପୁରୀ,୬/୪: ଶ୍ରୀମନ୍ଦିର ସେବାୟତଙ୍କ ଦାଦାଗିରି ବଢ଼ିଥିବା ଚର୍ଚ୍ଚା ହେଉଛି। ସେବାୟତମାନଙ୍କର ଶ୍ରୀମନ୍ଦିରରେ ଦୌରାତ୍ମ୍ୟ ବଢ଼ିଯାଇଥିବା ଭକ୍ତମାନେ ଅନେକ ସମୟରେ ଅଭିଯୋଗ ଆଣିଛନ୍ତି। ସେବାୟତମାନେ ଗଣମାଧ୍ୟମର ପ୍ରତିନିଧିଙ୍କୁ ମଧ୍ୟ ଛାଡୁ ନାହାନ୍ତି। ଆଜି ଅପରାହ୍ଣରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସେବାୟତମାନେ ପ୍ରାଣାନ୍ତକ ଆକ୍ରମଣ କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ଆକ୍ରମଣର ଜଣେ ସାମ୍ବାଦିକା ମଧ୍ୟ ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥି ସହିତ ଜଣେ କ୍ୟାମେରାମ୍ୟାନ ମଧ୍ୟ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଆକ୍ରମଣ ଘଟଣାରେ ପ୍ରାୟ ୧୦ରୁ ଅଧିକ ସେବାୟତ ସମ୍ପୃକ୍ତ ଥିବା ଦେଖିବାକୁ ମିଳିଛି। ଜଣେ ମହିଳା ସାମ୍ବାଦିକାଙ୍କ ସହ ଅନ୍ୟ ଗଣମାଧ୍ୟମର ପ୍ରତିନିଧି ଓ କ୍ୟାମେରା ମ୍ୟାନମାନଙ୍କୁ କିଭଳି ଭାବେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା ଫଟୋରୁ ସ୍ପଷ୍ଟ ହେଉଛି। ସେବାୟତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଟଙ୍କା ନେଇ ଭକ୍ତମାନଙ୍କୁ ଛାଡୁଥିବା ଅଭିଯୋଗ କରିଥିଲେ ଭକ୍ତ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଆଜି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସେବାୟତ ଆକ୍ରମଣ କରିଥିଲେ। ଏହି ଘଟଣାରେ ସାମ୍ବାଦିକମାନଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

## ପୁଅର ଶାବଳ ମାଡରେ ବାପା ମୃତ



ଯୁଯୁମୁରା,୬/୪: ପୁଅ ଭୁଲିଗଲା ପିଲାଦିନର କଥା। ଭୁଲିଗଲା ବାପା'-ମା'ର ସ୍ନେହ-ମମତା। ପାରିବାରିକ କଳହକୁ କେନ୍ଦ୍ର କରି ବୃଦ୍ଧ ବାପା-ମା'ଙ୍କୁ ଏକ ଲୁହାରଡ଼୍‌ରେ ନିସ୍ତୁକ ମାଡ଼ ମାରିଛି। ଏଥିରେ ବାପାଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଝାଙ୍କରପାଲି ପଞ୍ଚାୟତ ତୁରିପଡ଼ା ଗାଁରେ ଏହି ନୃଶଂସ କାଣ୍ଡ ଦେଖିବାକୁ ମିଳିଛି। ମୃତ ବ୍ୟକ୍ତି ହେଲେ ଗୟା ମଲ୍ଲିକ(୮୦)। ଗୁରୁତର ଆହତ ଉକିଆ ମଲ୍ଲିକ(୭୨) ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଅଭିଯୁକ୍ତ ବାଳକୃଷ୍ଣ(୪୦)କୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ଯୁଯୁମୁରା ଥାନା ଝାଙ୍କରପାଲି ପଞ୍ଚାୟତ ତୁରିପଡ଼ା ଗାଁର ଗୟା ମଲ୍ଲିକଙ୍କ ୪ ଝିଅ ଓ ଦୁଇ ପୁଅ। ସମସ୍ତ ପୁଅ-ଝିଅଙ୍କର ବିବାହ ସରିସାରିଛି। ତେବେ ପାରିବାରିକ ସମସ୍ୟା ନେଇ ଆଜି ସାନପୁଅ ବାଳକୃଷ୍ଣ ଆଜି ପୂର୍ବାହ୍ଣରେ ବାପାଙ୍କ ସହିତ ଯୁକ୍ତିତର୍କ କରିଥିଲା। ଏହି ସାମାନ୍ୟ ଯୁକ୍ତିତର୍କ ଉଗ୍ରରୂପ ନେଇଥିଲା। ଉତ୍ତେଜିତ ବାଳକୃଷ୍ଣ ଏକ ଲୁହାରଡ଼ରେ ବାପା ଗୟାଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଅ ହାତରୁ ସ୍ୱାମୀଙ୍କୁ ଆକ୍ରମଣରୁ ବଞ୍ଚାଇବାକୁ ଉକିଆ ଆସିଥିଲେ। ସେ ମଧ୍ୟ ପୁଅର ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ପଡ଼ୋଶୀ ଲୋକେ ଏହି ଘଟଣାକୁ ନେଇ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ଗୟାଙ୍କର ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିଲା। ଗୁରୁତର ଉକିଆଙ୍କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ମାତ୍ର ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସମ୍ବଲପୁର ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଉକିଆ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ପୁଲିସ ଅଭିଯୁକ୍ତ ବାଳକୃଷ୍ଣକୁ ଅଟକ ରଖିଛି। ଥାନାକୁ ନେଇ ଅଧିକ ପଚରାଉଚରା ସହ ଏକ ମାମଲା ରୁଜୁ କରିଛି। ସ୍ଥାନୀୟ ଲୋକଙ୍କର କହିବା ଅନୁସାରେ ବାଳକୃଷ୍ଣର ମାନସିକ ଅବସ୍ଥା ଭଲ ନଥିଲା। ପୂର୍ବରୁ ମଧ୍ୟ ପରିବାରରେ କଳିଝଗଡ଼ା ଲାଗି ରହିଥାଏ ବୋଲି ପଡୋଶୀ ଲୋକେ କହିଛନ୍ତି।

# ଚର୍ଚ୍ଚାରେ ନିର୍ବାଚନ ପରବର୍ତ୍ତୀ ରଣନୀତି

ଭୁବନେଶ୍ୱର,୬/୪: ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ସମ୍ପ୍ରତି ରାଜ୍ୟରେ ଅନେକ ଘଟଣା ଘଟିଯାଇଛି। ଏହି ପରିପ୍ରେକ୍ଷୀରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ରାଜନୈତିକ ଦଳଗୁଡ଼ିକର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ୨୦୨୪ ନିର୍ବାଚନ ପରେ ଓଡ଼ିଶାର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପାଇଁ ସଂଗଠନ ସଜଡ଼ା ଆହ୍ୱାନ ହୋଇଛି। ରାଜ୍ୟ ବିଜେପିର ଦଳୀୟ ନେତୃତ୍ୱ ଓ ସରକାର ମଧ୍ୟରେ ସମାନତା ନ ରହିବା ଦଳ ପାଇଁ ଦ୍ୱନ୍ଦାତ୍ମକ ସ୍ଥିତି ସୃଷ୍ଟି କରୁଛି ଓ ଦଳରେ ସମନ୍ୱୟର ଅଭାବ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟ ସଭାପତି ଚୟନକୁ ନେଇ ଲାଗିରହିଥିବା ଛକାପଞ୍ଝା କର୍ମୀ ମହଲରେ ମଧ୍ୟ ପ୍ରଭାବ ପକାଉଛି। ଏଭଳି ସ୍ଥିତିରେ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ମଧ୍ୟ କୌଣସି ଫାଇଦା ନେବାରେ ସଫଳ ହୋଇପାରୁ ନାହାନ୍ତି। ଦୁଇ ବିରୋଧୀ ଦଳ ମଧ୍ୟ ନିଜ ସଂଗଠନ ସଜାଡ଼ିବା ଉପରେ ଗୁରୁତ୍ୱ ଦେବା ସହ ଦଳକୁ ସଶକ୍ତ ଓ ସୁଦୃଢ଼ କରିବା ପାଇଁ ଆରମ୍ଭ କରାଯାଇଥିବା ପ୍ରୟାସର ପରିସମାପ୍ତି ଘଟିନାହିଁ। ମୁଖ୍ୟ ବିରୋଧୀ ଦଳ ବିଜେଡି ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ପାଇଁ ଦୁଇ ମାସ ହେଲା ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ

### ସଂଗଠନ ସଜାଡ଼ିବା ଉପରେ ୩ ଦଳର ଗୁରୁତ୍ୱ

ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ୍ ଏଯାଏଁ ସଂଗଠନ ସଜାଡ଼ି ପାରିନାହିଁ। ୧୦ ମାସରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ଥିବା ବିଜେପି ସରକାରଙ୍କ କାର୍ଯ୍ୟ ଓ ପ୍ରଦର୍ଶନ ତଥା ସରକାରଙ୍କ ଦୁର୍ବଳତାକୁ ଲୋକଲୋଚନକୁ ଆଣିବାରେ ବିରୋଧୀଙ୍କ ପ୍ରଭାବୀ ଭୂମିକା ରାଜ୍ୟ ରାଜନୀତିକୁ ରୋଚକ କରିଛି। ନିକଟରେ ସଦ୍ୟ ସମାପ୍ତ ବିଧାନସଭା ଅଧିବେଶନରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ଏବଂ ବିଜେଡି ସରକାରଙ୍କୁ ଅକଳରେ ପକାଇ ଜନତାଙ୍କ ଆସ୍ଥାଭାଜନ ହେବାକୁ ପ୍ରୟାସ କରିଛନ୍ତି। କଂଗ୍ରେସର ସମସ୍ତ ୧୪ ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଯିବା ପରେ ବିଧାନସଭା ଫାଟକ ସମ୍ମୁଖରେ ଦଳର ସମସ୍ତ ପୁରୁଖା ନେତା ଏକଜୁଟ୍ ହୋଇ ଏହାକୁ ସାଧାରଣରେ ବିରୋଧ କରିବା କର୍ମୀଙ୍କୁ ସଂଗଠିତ ହେବାପାଇଁ ଉତ୍ସାହିତ କରିବା ସହ ରାଜ୍ୟ ରାଜନୀତିକୁ ଚଳଚଞ୍ଚଳ କରିଛି। ଅନ୍ୟପକ୍ଷରେ ପରବର୍ତ୍ତୀ ସାଧାରଣ ନିର୍ବାଚନ ପୂର୍ବରୁ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ତିନି ଦଳ ପାଇଁ ଏସିଡ୍ ଟେଷ୍ଟ ହେବ ବୋଲି ଚର୍ଚ୍ଚା ହେଉଛି। ଆଗାମୀ ପଞ୍ଚାୟତ ନିର୍ବାଚନର ଫଳ ସବୁ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ସାଂଗଠନିକ କଳେବର ବୃଦ୍ଧି ଓ ଦୂରଦୃଷ୍ଟିସମ୍ପନ୍ନ ରଣନୀତି ଏ କ୍ଷେତ୍ରରେ ନିର୍ଣ୍ଣାୟକ ହେବ। ଚଳିତ ମାସ ସୁଦ୍ଧା ବିଜେଡି ଓ ବିଜେପି ସାଂଗଠନିକ ପ୍ରକ୍ରିୟା ଶେଷ କରିବା ଲକ୍ଷ୍ୟରେ ଥିବାବେଳେ କଂଗ୍ରେସ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି। ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ବିଜୁ ଜନତା ଦଳ ବିଧାନସଭା ଭିତରେ ଓ ବାହାରେ ଗଠନମୂଳକ ଲଢ଼େଇ ଜାରି ରଖିଛି। ଆସନ୍ତା ଓଡ଼ିଆ ନବବର୍ଷ ପୂର୍ବରୁ ବିଜେଡି ନିଜର ସାଂଗଠନିକ ପୁନର୍ଗଠନ ପ୍ରକ୍ରିୟା ଶେଷ କରିବା ଲକ୍ଷ୍ୟରେ ରହିଛି। ନିଜର ଅଭିଜ୍ଞତାକୁ ପାଥେୟ କରି ଘଟଣାବଳୀର ତର୍ଜମା ସହ ଭବିଷ୍ୟତର ପନ୍ଥା ସ୍ଥିର ନେଇ ଦଳ ମାନସମନ୍ଥନ ଆରମ୍ଭ କରିଛି। ବିଜେପି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉକ୍ତି ଅନୁଯାୟୀ ଲୋକଙ୍କ ସହ ଯୋଡ଼ିହେବା ନୀତିକୁ ଦଳ ପ୍ରାଧାନ୍ୟ ଦେଉଛି। ଏଣୁ ସଂଗଠନକୁ ପୁଣି ଥରେ ତୃଣମୂଳ ସ୍ତରରୁ ସଶକ୍ତ କରିବା ଦିଗରେ ନେତୃତ୍ୱ ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ୭ ତାରିଖରେ ସାଂଗଠନିକ ନିର୍ବାଚନକୁ ନେଇ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହି ବୈଠକରେ ଉପସ୍ଥିତ ରହିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ କେଶରୀ ଦେବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଜେପି ପକ୍ଷରୁ ମଣ୍ଡଳ, ଜିଲ୍ଲା ସଭାପତି ନିଯୁକ୍ତି କାମ ଶେଷ ହୋଇଛି। କେବଳ ରାଜ୍ୟ ସଭାପତି ଓ ସମ୍ବଲପୁର ସାଂଗଠନିକ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇପାରି ନାହିଁ। ଉଭୟ କ୍ଷେତ୍ରରେ ଦଳୀୟ ଅନ୍ତଃକନ୍ଦଳ ହେତୁ ଏହା ବିଳମ୍ବିତ ହେଉଥିବା କୁହାଯାଉଛି। ତେବେ ଓଡ଼ିଆ ନବବର୍ଷ ପରେ ରାଜ୍ୟ ସଭାପତିଙ୍କ ନାମ ଘୋଷଣା ହୋଇପାରେ। ଅପରପକ୍ଷେ ବିଭିନ୍ନ ନିଗମ ଓ ଆୟୋଗ ପଦରେ ବିଜେପି ନେତାଙ୍କ ଥଇଥାନ କାର୍ଯ୍ୟ ବି ବାକି ଅଛି। କିନ୍ତୁ ରାଜ୍ୟ ସଭାପତି ପଦ ଚୂଡାନ୍ତ ହୋଇପାରି ନଥିବାରୁ ନିଗମ ପଦରେ ନିଯୁକ୍ତି ଅଟକି ରହିଛି। ଅପରପକ୍ଷେ ଗତ ବିଧାନସଭା ଅଧିବେଶନରେ ତୁମୂଳକାଣ୍ଡ ଓ ୧୪ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ତଥା ମହିଳା ସୁରକ୍ଷା ପ୍ରସଙ୍ଗରେ ଦୃଢ଼ ମନୋବଳ ସହ ଆଗକୁ ବଢୁଥିବା ଦଳ ପାଇଁ ମଧ୍ୟ ସଂଗଠନ ସଜଡ଼ା କିଛି କମ୍ ଆହ୍ୱାନପୂର୍ଣ୍ଣ ହୋଇନାହିଁ। ଭକ୍ତ ଚରଣ ଦାସ ପିସିସି ମଙ୍ଗ ଧରିବାକୁ ଦୁଇ ମାସ ବିତି ଯାଇଥିଲେ ସୁଦ୍ଧା ନିଜ ଟିମ୍ ଗଢ଼ିବାରେ ଅସମର୍ଥ ଅଛନ୍ତି। ଦଳର ସାଂଗଠନିକ ପୁନର୍ବିନ୍ୟାସ ପାଇଁ ଏପର୍ଯ୍ୟନ୍ତ ପ୍ରାଥମିକ କାମ ବି ଆରମ୍ଭ ହୋଇନାହିଁ। ବିଧାନସଭା ଭିତରେ ଓ ବାହାରେ ଶାସକ ବିଜେପିକୁ କଡ଼ା ମୁକାବିଲା ଦେଉଥିବା କଂଗ୍ରେସ କେବେ ଓ କେମିତି ଢଙ୍ଗରେ ନିଜ ଘର ସଜାଡିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ମହାନଦୀ ରେ ଛଡାଗଲା ୭ଲକ୍ଷ ୫୦ହଜାର ଯାଆଁଳ

## ବିଷାକ୍ତ ଔଷଧ କିମ୍ବା ବିସ୍ଫୋରକ ଦ୍ୱାରା ମାଛ ନମାରିବା ପାଇଁ ସଚେତନତା

**ବୌଦ୍ଧ ୬/୪(ନି.ପ୍ର):** ବୌଦ୍ଧ ବ୍ଲକ ବହିରା ଗ୍ରାମ ପଞ୍ଚାୟତର ତେନ୍ତୁଳିପାଲି ମହାନଦୀ ଘାଟରେ ମତ୍ସ୍ୟ ସମ୍ପଦର ବିକାଶ ଓ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ମାନର ଅଙ୍ଗୁଳିକା ମାଛ ଯାଆଁଳା ଛାଡିବା କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତ ବଳିଆର ସିଂ, କନ୍ଧମାଳ ବିଧାୟକଙ୍କ ପ୍ରତିନିଧି ପୟୋଧର ମହାକୁଳ, ବହିରାସରପଞ୍ଚ ଯଯାତୀ କେଶରୀ ମହାଲିକ ମଞ୍ଚାସୀନ ଥିଲେ ।ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ୭ ଲକ୍ଷ ୫୦ହଜାର ଯାଆଁଳ ମହାନଦୀରେ ଛଡାଯାଇଥିଲା । ମହାନଦୀ ପାଣିରେ ରାସାୟନିକ ଔଷଧ ପ୍ରୟୋଗ କିମ୍ବା ବିସ୍ଫୋଟକ ମାଧ୍ୟମରେ ଅସଦ ଉପାୟରେ ମାଛ ନମାରିବା ପାଇଁ ଉପସ୍ଥିତ ମତ୍ସ୍ୟଜୀବୀ ଓ ଗ୍ରାମବାସୀଙ୍କୁ ଅତିଥିମାନେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମକୁ ମତ୍ସ୍ୟସମ୍ପଦ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସର୍ଭେକୁ ନେଇ ଚିନ୍ତାରେ ହିତାଧିକାରୀ

**କନ୍ଧମାଳ :୬/୪(ନି.ପ୍ର):** ରାଜ୍ୟ ରେ ଆବାସ ସର୍ଭେ ପ୍ରକ୍ରିୟା ଜାରି ରହିଥିବା ବେଳେ କନ୍ଧମାଳ ଅଧୀନରେ ଥିବା ଅନେକ ବିଭିନ୍ନ ଗାଁରେ ଆବାସ ସର୍ଭେ କାମ ସମ୍ପୂର୍ଣ୍ଣ ହୋଇନଥିବା ଅଭିଯୋଗ ହୋଇଛି । ସର୍ଭେର ସୀମା ପାଖେଇ ଆସୁଥିବା ବେଳେ ସେମାନେ ସାମିଲ ହେବା ନେଇ ହିତାଧିକାରୀ ଚିନ୍ତାରେ ବସିଛନ୍ତି । ଅନ୍ୟ ପଟେ ଆବାସ ସର୍ଭେରେ ନିୟୋଜିତ ଥିବା କର୍ମଚାରୀ ମାନେ କାର୍ଯ୍ୟ ରେ ଅବହେଳା କରୁଥିବାରୁ ଏହା ବିଳମ୍ବ ହେଉଥିବା ଜନସାଧାରଣ କହିଛନ୍ତି । ନିୟମିତ କର୍ମଚାରୀ ସର୍ଭେ ପାଇଁ ଆସୁନଥିବା ବେଳେ ଦିନକୁ ୩ରୁ ୬ ଜଣଙ୍କ ଡାଟା ନେଇ ଚାଲିଯାଉଛନ୍ତି । କର୍ମଚାରୀଙ୍କ ଏଭଳି ଅବହେଳା ଯୋଗୁଁ ଅନେକ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେବାର ଆଶଙ୍କା କରାଯାଉଛି । ପ୍ରାୟ ଦେଢ଼ ମାସରୁ ଉର୍ଦ୍ଧ୍ୱ ହେବ ଏହି ସର୍ଭେ ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଡେଡଲାଇନ ଦିଆ ଯାଇଥିବା ସରକାରୀଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି । ଅଳ୍ପ ସମୟରେ ମଧ୍ୟରେ ବାକିଥିବା ସମସ୍ତେ ଗ୍ରାମରେ ସବୁ ସର୍ଭେ କାମ ସାରିବା କର୍ମଚାରୀଙ୍କ ପକ୍ଷରେ ସମ୍ଭବ ନୁହେଁ । ସମ୍ପୃକ୍ତି କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକଙ୍କ ଆବାସ ଯୋଜନା ରୁ ବଞ୍ଚିତ ହେବାର ଆଶଙ୍କା ଦେଖା ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି ।

# ନଦୀତଟ ବୃକ୍ଷରୋପଣ କାଗଜ କଲମରେ, ପ୍ରଶାସନର ଦୃଷ୍ଟି ପଡିବ କେବେ ?


**ଦିଗପହଣ୍ଡି ୬/୪(ନି.ପ୍ର):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବନାଞ୍ଚଳ ନୂଆପଡା ସେକ୍ସନ ଗୌଡ଼ଗାଁ ନଦୀ ତଟ ଠାରୁ ନୂଆପଡା ୩ କିଲୋମିଟର ନଦୀ ତଟ ବୃକ୍ଷ ରୋପଣ ନାମରେ ଅଟକଳ ପରିମାଣ ଟ ୩, ୮୦, ୨୭୪ ଙ୍କା ବ୍ୟୟ କରାଯାଇଥିଲା । ରାଜ୍ୟ ସରକାର ଜଙ୍ଗଲ ପରିବେଶ ବିଭାଗ ସହାୟତାରେ ଦିଗପହଣ୍ଡି ବନାଞ୍ଚଳ ଆଧିକାରୀଙ୍କ ତତ୍ତ୍ୱାବଧାନରେ ଦୈନିକ ମଜୁରୀ -୨୩୭ ଟଙ୍କାରେ ଅଣ କୁଶଳୀ ଶ୍ରମିକ ଅଂଶ ଟ -୭୨, ୫୨୨/ସାମଗ୍ରୀ ଅଂଶ -ଟ ୨, ୯୮, ୯୦୨ଙ୍କା ଏବଂ କାର୍ଯ୍ୟର କଡ଼ ନଂ ୨୪୧୨୦୦୯/ଡିପି ୧୦୮୪୫୮୫୪ସୂଚନା ଫଳକରେ ଉଲ୍ଲେଖ ରହିଛି । ମାତ୍ର ଆଶ୍ଚର୍ଯ୍ୟର କଥା କାର୍ଯ୍ୟ ଆରମ୍ଭ ତା ୧୫/୦୯/୨୦୨୩ ଠାରୁ ଶେଷ ୩୧/୦୩/୨୦୨୪ପର୍ଯ୍ୟନ୍ତ ଦର୍ଶା ଯାଇଛି । ଅନ୍ୟ ପକ୍ଷରେ ଗଛ କେଉଁଠି ଦେଖିବାକୁ ମିଳୁନି ତ କେଉଁଠି ମରିଯାଇଛି ଓ କେଉଁଠି ଶୁଖା ପଡିଛି । ନବୀକରଣ ଯୋଜନାରେ ଗଛ ଲଗାଇଦେଲେ ହେବନି ତାହାର ରକ୍ଷଣାବେକ୍ଷଣା ଦାୟିତ୍ୱ ବନବିଭାଗ ରହିଛି । ବନବିଭାଗ ଅଧିକାରୀ କଣ ଜାଣିନାହାନ୍ତି ନା ସବୁ ଜାଣି ଚୁପ ହୋଇ ରହି ଆଖି ବନ୍ଦ କରିଦେଇଛନ୍ତି । ଏହା ଗାଟିଏ ଜାଗା ନୁହେଁ ଦିଗପହଣ୍ଡି ବନାଞ୍ଚଳରେ ଏମିତି ଅନେକ ଜାଗାରେ ଦେଖିବାକୁ ମିଳୁଛି । ଏହି ବିଷୟରେ ଆମ ଖବର କାଗଜ ପ୍ରତିନିଧି ରେଞ୍ଜରଙ୍କୁ ପଚାରିବାରୁ ସେ ଉତ୍ତର ରଖିଥିଲେ ଆମେ ସବୁଗୁଡ଼ାକ କେତେ ନଜର ରଖିବୁ ଗ୍ରାମବାସୀଙ୍କ ମଧ୍ୟ ଦାୟିତ୍ୱ ରହିଛି । ବଡ ଆଶ୍ଚର୍ଯ୍ୟର କଥା ତାହା ପାଇଁ ୱାଚେର ରହିଛି ରକ୍ଷଣା ବେକ୍ଷଣା ଦାୟିତ୍ୱରେ ବନବିଭାଗ କର୍ମଚାରୀ ମାନେ ଅଛନ୍ତି । ତେଣୁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ର ଦୁର୍ନୀତି ନିଶ୍ଚୟ ହୋଇଥିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହାର ସଠିକ ନିରପେକ୍ଷ ତଦନ୍ତ କରାଯାଇଥାନ୍ତା ତାହା ହେଲେ ଏହି ପ୍ରକାର ଦୃନୀତିର ଫର୍ଦାଫାସ ହୋଇପାରନ୍ତା ।

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କଲେ ହଂସତୂଳୀ ଗ୍ରାମବାସୀ





**ବେଗୁନିଆପଡ଼ା ୬/୪(ନି.ପ୍ର):** ଗଞ୍ଜାମ ଜିଲ୍ଲା କୋଦଳା ତହସିଲ ଅନ୍ତର୍ଗତ ତାଳସର ପଞ୍ଚାୟତର ହଂସତୂଳୀ ଗ୍ରାମର ଗ୍ରାମବାସୀ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କୋଦଳା ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ବୁଧବାର ଦିନ ପ୍ରଦାନ କରିଛନ୍ତି । ସୁଚନାନୁଯାଇ ପୂର୍ବରୁ ହଂସତୁଳି ମୌଜା, ତାଳଗାଁ ମୌଜା, ନାକୁଆ ଛଟିନା ମୌଜା, କୁମ୍ଭାରଗାଁ ମୌଜା ଷଣ୍ଢମୂଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକ୍ଷଳୟ ଅଧିନରେ ଅର୍ନ୍ତଭୁକ୍ତ ଥିଲା କିନ୍ତୁ ବର୍ତ୍ତମାନ କିଛି ଦିନ ହେଲାଣି ହଂସତୁଳି ମୌଜାକୁ ସୁମଣ୍ଡଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧିନକୁ ନିଆଯାଇଛି । ଯାହା ଫଳରେ ହଂସତୁଳି ମୌଜାର ଅଧିବାସୀ ଏବଂ ଚାଷୀମାନେ ତାଙ୍କର ବିଭିନ୍ନ କାର୍ଯ୍ୟ ପାଇଁ ପାଖାପାଖି ଦୀର୍ଘ ୧୨ କିଲୋ ମିଟର ରାସ୍ତା ଯିବାକୁ ପଡୁଛି । ତାହା ପୁଣି ସମୟ ସାପେକ୍ଷ ଏବଂ ବ୍ୟୟ ବହୁଳ ଅଟେ । ଫଳରେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ଷଣ୍ଢମୂଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କୁ ହଂସତୁଳି ଗ୍ରାମଠାରୁ ମାତ୍ର ୧ କିଲୋମିଟର ଦୂରତା ହୋଇଥିବା ବେଳେ ସୁମଣ୍ଡଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୂରତା ହେଉଛି ୧୨ କିଲୋମିଟର । ତେଣୁ ହଂସତୁଳି ମୌଜା ବା ଗ୍ରାମକୁ ଷଣ୍ଢମୂଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନକୁ ଆଣିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଶୁଭାଶିଷଙ୍କ ସଫଳତା



**ବେଗୁନିଆପଡା ୬/୪(ନି.ପ୍ର):** ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୫ ରେ ଆର୍ ଏନ ଏସ ଗୁରୁକୁଳ ବିଦ୍ୟାଳୟ ସାଙ୍କୁଡାର ଛାତ୍ର ଶୁଭାଶିଷ ରାୟ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ନବୋଦୟ ବିଦ୍ୟାଳୟ ସୁରଙ୍ଗି ଠାରେ ଅଧ୍ୟୟନ କରିବା ପାଇଁ ସୁଯୋଗ ପାଇଛନ୍ତି । ଶୁଭାଶିଷ ହେଉଛନ୍ତି ଏହି ଅଞ୍ଚଳର ଜଣାଶୁଣା ଶ୍ରୀମା ମେଡିସିନ ଷ୍ଟୋର ସୁମଣ୍ଡଳର ପ୍ରୋପାଇଟର ବସନ୍ତ କୁମାର ବାରିକ ଏବଂ ବନଜା ବାରିକଙ୍କ ପୁତ୍ର । ଶୁଭାଶିଷ ନିଜର ଏହି ସଫଳତା ପାଇଁ ପିତା ବସନ୍ତ କୁମାର, ମାତା ବନଜା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଟ୍ୟୁସନ ସାର୍ ଙ୍କ ଆଶୀର୍ବାଦ ବୋଲି ମତ ପ୍ରକାଶ କରିଛନ୍ତି । ଭବିଷ୍ୟତରେ ଆହୁରି ଅଧିକ ସଫଳତା ହାସଲ କରିବେ ବୋଲି ଶୁଭାଶିଷ ଆଶା ରଖିଛନ୍ତି । ଶୁଭାଶିଷଙ୍କ ଏହି ସଫଳତା ପାଇଁ ପିତା ମାତା,ବନ୍ଧୁ ବାନ୍ଧବ,ପରିବାର ବର୍ଗ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ଖୁସି ବ୍ୟକ୍ତ କରିଛନ୍ତି ।


# ଭରସାମ୍ୟ ହରାଇ ଓଲଟିଲା ଟମାଟୋ ବୋଝେଇ ଟ୍ରକ



**କଲ୍ୟାଣସିଂହପୁର-୬/୪(ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ଭାତପରସୀ ଗ୍ରାମ ନିକଟସ୍ଥ ପୋଲ ଠାରେ ଟମାଟୋ ବୋଝେଇ ଟ୍ରକ ଓଲଟିଥିବା ଦେଖିବାକୁ ମିଳିଛି ।

ଆଜି ସନ୍ଧ୍ୟା ସମୟରେ କଲ୍ୟାଣସିଂହପୁର ପୂର୍ଣ୍ଣାଭଟା ଠାରୁ ଏ ପି ୩୯ ୟୁ ଏମ୍ ୭୬୮୧ ନମ୍ବର ଏକ ଟ୍ରକରେ ୧୦ ଟନ ଟମାଟୋ ବୋଝେଇ କରି ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ବୋଲେରକୁ ସାଇଡ ଦେବା ବେଳେ ଭାରସାମ୍ୟ ହରାଇ ଭାତପରସୀ ପୋଲ ନିକଟରେ ଓଲଟି ପଡିଛି । ଗାଡ଼ିରେ ଦୁଇଜଣ ଚାଳକ ରହିଥିଲେ । କାହାରିକୁ କିଛି ହୋଇନଥିବା ଟମାଟୋ ମାଲିକ ଆର ବାବି କହିଛନ୍ତି ।

# ମହୁଲ ଫୁଲ ସାଜିଛି ଗ୍ରାମବାସୀଙ୍କ ଚୂଲିରେ ନିଆଁ



**କଲ୍ୟାଣ ସିଂହପୁର ୬/୪(ନି.ପ୍ର):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ଗ୍ରାମପଞ୍ଚାୟତର ପାଦୁଲଗୁଡା ଓ ତିଡିମସ୍କା ଗ୍ରାମର ଲୋକେ ଗ୍ରୀଷ୍ମ ପ୍ରଭାହ ହୋଇଥିବାରୁ ଓଡିଶା ରାଜ୍ୟରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ କିଛି ଗ୍ରାମର ଲୋକେ ମହୁଲଫୁଲକୁ ବିକ୍ରି କରି ଜୀବନ ବଞ୍ଚାଉଛନ୍ତି ।

ଏହି ମହୁଲ ଫୁଲକୁ ଦୁଇରୁ ତିନିଦିନ ଧରି ଖରାରେ ଶୁଖାଇ ବଜାରରେ ଯାହାକି ଅଧିକ ପରିଶ୍ରମ କରି କମ ଦରରେ ବିକି ପରିବାର ଚଳାଉଛନ୍ତି । ଏହି ମହୁଲଫୁଲ ଫଗୁଣ ମାସ ଗ୍ରୀଷ୍ମ ଋତୁରେ ଫୁଲ ଫୁଟି ତଳେ ଝଡିଥାଏ ଏହାକୁ ଗୁଟେଇ ଲୋକେ ବଜାରରେ ପ୍ରତି କିଲୋଗ୍ରାମ ହିସାବରେ ବଜାର ଦରରେ ବିକ୍ରି କରିଥାନ୍ତି ତହିଁରୁ ଘରର ପରିବାର ର ଭରଣ ପୋଷଣ କରିଥାନ୍ତି । ଲୋକେ ଜାଣନ୍ତି ନାହିଁ ଏହି ମହୁଲ ଫୁଲ ର ବିଷୟରେ ଏବଂ କିଛି ଲୋକେ ଖାଇବା ଅଭାବରୁ ଚାଉଳ ପାଇଁ ଏହି ମହୁଲ ଫୁଲକୁ ଅଦଳ ବଦଳ କରିଥାନ୍ତି ଏହାକୁ ଗ୍ରାମବାସୀ କହିଥିବା ଜଣା ପଡିଛି ।

ଉକ୍ତ ମହୁଲ ଫୁଲ ଦିନକୁ ୫୦ କେଜି କେଉଁ କେଉଁ ଠାରେ ୫ଟି ଗଛ ହିସାବରେ ମିଳେ ତୋ କେଉଁଠି ଗୋଟାଏ ଗଛ ରେ ୫ କିଲୋ ମିଳିଥାଏ ।ଏହାକୁ ଭୋର ସକାଳୁ ଘର ଦ୍ୱାରା ଛାଡି ପରିବାରର ସମସ୍ତ ସଦସ୍ୟ ଗଛ ମୂଳକୁ ଯାଇ ଗୋଟାଇ ଥାନ୍ତି । ଏଠାରେ ଚର୍ଚ୍ଚା ର ବିଷୟ ଯେ ଉକ୍ତ ମହୁଲ ଫୁଲକୁ ଦୋକାନୀ ଉଚିତ ମୂଲ୍ୟରେ କିଣିବାକୁ ନାରାଜ ସେପଟେ ଘର ପରିବାର ର ଭୋକ ମେଣ୍ଟାଇବା ପାଇଁ କମ ଦରରେ ଦେଇଦେଉଥିବା କହିଛନ୍ତି । ଏଣୁ ସରକାରଙ୍କୁ ଅନୁରୋଧ କି ଏହି ମହୁଲଫୁଲ କୁ ଉଚିତ ମୂଲ୍ୟରେ ଦୋକାନୀ କିଣନ୍ତି ତାହାହେଲେ ଆମେ ଅଧିକ ରୁ ଅଧିକ ଖୁସି ହୋଇଥାନ୍ତୁ ବୋଲି ଗ୍ରାମବାସୀ ଗୁହାରି କରିଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମନମୁଖୀ କାର୍ଯ୍ୟ, ବଢୁଛି ଅସନ୍ତୋଷ

## ରାସ୍ତା ଆରମ୍ଭରୁ ହିଁ ଫାଟ, ମେଟ୍ରିଆଲରେ ରହୁନି ତାଳମେଳ



**ବୌଦ୍ଧ ୬/୪(ନି.ପ୍ର):** ବୌଦ୍ଧ ଜିଲ୍ଲା ଲୁଣିବାହାଲ ସ୍ଥିତ ଜାତୀୟ ରାଜପଥରୁ ପଞ୍ଚାୟତ ସମ୍ମୁଖ ପର୍ଯ୍ୟନ୍ତ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲୁଚି କଂକ୍ରିଟ ରାସ୍ତା । କିନ୍ତୁ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖୀ ଓ ଠିକାଦାର ଲାଭ ଖୋର ମନବୃତି ପାଇଁ କାମ ଆରମ୍ଭରୁ ହିଁ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଏଭଳି ନିମ୍ନମାନର କାର୍ଯ୍ୟ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି । ସୂଚନା ମତେ କିଛି ମାସ ପୂର୍ବରୁ ଲୁଣିବାହାଲ ଠାରୁ ତାକୁଡ଼ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ରାସ୍ତା ନିର୍ମାଣ ସରିଛି । କିନ୍ତୁ ଜାତୀୟ ରାଜପଥ ଠାରୁ ପଞ୍ଚାୟତ ସମ୍ମୁଖ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପାଇଁ ସମସ୍ୟା ଥିବାରୁ ୫୦୦ ମିଟର ରାସ୍ତା କାମ ଅଟକି ରହିଥିଲା । ପରବର୍ତୀ ପର୍ଯ୍ୟାୟ ରେ ଜମି ଅଧିଗ୍ରହଣ ପରେ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ଅନୁଦାନ ରେ ଚାଲୁଚି ରାସ୍ତା କାର୍ଯ୍ୟ। କିନ୍ତୁ ଡ୍ରେନ କାର୍ଯ୍ୟ ହେଉ କିମ୍ବା ରାସ୍ତା କଂକ୍ରିଟ କାର୍ଯ୍ୟ ସରିବା ପୂର୍ବରୁ ଦେଲାଣି ଫାଟ । ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ଏଭଳି ହେଉଥିବା ନେଇ ଜନସାଧାରଣ ଙ୍କ ଭିତରେ ଅଭିଯୋଗ ହେଉଛି । ଏପଟେ ରାସ୍ତା କଂକ୍ରିଟ ନିର୍ମାଣ କ୍ଷେତ୍ରରେ ମଧ ବ୍ୟତିକ୍ରମ ଦେଖା ଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଭଳି ସମସ୍ୟାକୁ ନେଇ ସମ୍ପୃକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡ଼ିଓ ଏସ. ନାଏକଙ୍କୁ ପଚାରିବାରୁ । କାର୍ଯ୍ୟ ଠିକ ଚାଲୁଚି କୌଣସି ବ୍ୟତିକ୍ରମ ନାହିଁ, କାଲି ମୁଁ ଯାଇ ଦେଖିବି ଯଦି କୌଣସି ଅନିୟମିତତା ହେଉଥିବା ଦୃଷ୍ଟି ଗୋଚର ହେଲେ ଠିକାଦାର ଙ୍କୁ ତାଗିତ କରିବି ବୋଲି କହିଥିଲେ । ପ୍ରକାଶ ଥାଉକି ଉକ୍ତ ରାସ୍ତା ଦେଇ ଅଞ୍ଚଳର ଦୈନିକ ଶହ ଶହ ଲୋକେ ଜାନ ବାହାନ ରେ ଯିବା ଆସିବା କରିବା ଏବଂ ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନେ ଯାତାୟାତରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାସ୍ତା କାର୍ଯ୍ୟ ସଠିକ ଭାବରେ କାର୍ଯ୍ୟ କରିବାକୁ ସାଧାରଣ ରେ ମତ ପ୍ରକାଶ ପାଉଛି । ତେଣୁ ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସି ଦାବି କରିଛନ୍ତି ।

# ଅବ୍ୟବସ୍ଥାରେ ବୋରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ କୋଠରୀରେ ୮ ଶ୍ରେଣୀ



**ଲାଞ୍ଜିଗଡ଼,୬/୪(ନି.ପ୍ର):** ଲାଞ୍ଜିଗଡ଼ ବ୍ଲକ ପାହାଡ଼ପଦର ପଞ୍ଚାୟତ ଅନ୍ତର୍ଗତ ବୋରପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୬୬ ମସିହାରେ ସ୍ଥାପନ ହୋଇଥିବା ବେଳେ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୫ଜଣ ଛାତଛାତ୍ରୀ ଅଧ୍ୟୟନ କରୁଛନ୍ତି । ଶିକ୍ଷାଦାନ ପାଇଁ ସ୍କୁଲରେ ୩ଜଣ ଶିକ୍ଷକ ରହିଥିବା ବେଳେ ୮ଟି ଶ୍ରେଣୀ ପାଇଁ ଏକମାତ୍ର ଶ୍ରେଣୀ ଗୃହ ଓ ବାରଣ୍ଡା ରହିଛି । ଫଳରେ ଶ୍ରେଣୀ ଗୃହ ଅଭାବ ଯୋଗୁଁ ସ୍କୁଲ ବାରଣ୍ଡାରେ ପିଲାଙ୍କୁ ପାଠ ପଢ଼ିବା ସମ୍ଭବ ହୋଇପାରୁନାହିଁ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ବୈଦ୍ୟନାଥ ନାଏକ ଓ ଶିକ୍ଷକ ପ୍ରମୁଖ ମତ ପ୍ରକାଶ କରିଛନ୍ତି । ସ୍କୁଲ ଅବ୍ୟବସ୍ଥାକୁ ନେଇଁ ବ୍ଲକ ଶିକ୍ଷା ବିଭାଗ ଓ ଗ୍ରାମପଞ୍ଚାୟତ ଠାରୁ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ଅଭିଯୋଗ କ୍ରମେ ପଞ୍ଚାୟତ ଅନୁଦାନରୁ ୨ଟି କୋଠା ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା । କିନ୍ତୁ ବିଡମ୍ବନାର ବିଷୟ ଯେ'ଅର୍ଥରାଶି ମଂଜୁର ହୋଇ କୋଠା ନିର୍ମାଣର ୩ବର୍ଷ ପରେବି ଏବେ ଯାଏଁ କୋଠାର ଛାତ ପଡ଼ି ପାରି ନାହିଁ ।ସେହିପରି ସ୍କୁଲ ସାମ୍ନାରେ ଥିବା ନଳକୂପରେ ଗୋଳିଆ ପାଣି ବାହାରିବା ବେଳେ ଗୋଟିଏ ବାଲଟି ପାଣି ବାହାରିବା ପରେ ଆଉ ପାଣି ବାହାରୁ ନାହିଁ ।

ଫଳରେ ଅବିଭାବକ ମହଲରେ ଅସନ୍ତୋଷ ଦେଖା ଯାଇଛି ।ଏନେଇ ପାହାଡ଼ପଦର ସରପଞ୍ଚଙ୍କୁ ପଚାରିବାରୁ ବୋରପଦର ସ୍କୁଲ ପ୍ରକୃତରେ ଅବ୍ୟବସ୍ଥା ରହିଛି ପରିତାପର ବିଷୟ ପଞ୍ଚାୟତ ଅନୁଦାନରୁ ସ୍କୁଲ କୋଠ ନିର୍ମାଣ ପାଇଁ ୩ବର୍ଷ ପୂର୍ବେ ମଞ୍ଜୁର ହୋଇଥିଲା କିନ୍ତୁ ଦୁଃଖର ସହିତ କହୁଛି ଏବେ ଯାଏଁ ୨ଟି କୋଠା ଛାତ ପଡ଼ି ପାରିନାହିଁ । ଫଳରେ ଛାତ୍ରଛାତ୍ରୀ ମାନେ ପାଠ ପଢିବାରେ ବ୍ୟାଘାତ ଘଟୁଛି । ବର୍ତ୍ତମାନ ଆଉ ଗୋଟେ ନୂତନ କୋଠା କାର୍ଯ୍ୟ ଚାଲିଛି ଓ ସେହି ଦୁଇଟି ପୁରୁଣା କୋଠାକୁ ଛାତ ପକାଇବା ପାଇଁ ଲାଞ୍ଜିଗଡ଼ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛି କିଛି ମାସ ପରେ ନିହାତି ସମସ୍ୟାର ସମାଧାନ ହୋଇଯିବ ବୋଲି ସୂଚନା ଦେଇଛନ୍ତି । ତେବେ ପୁରୁଣା କୋଠାକୁ କେବେ ଛାତ ପକାଯାଉଛି ଓ ସ୍କୁଲର ସମସ୍ୟା କେବେ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା ।

# କେବଳ ଟ୍ରେନ ଗଡିବାକୁ ରହିଲା ଅପେକ୍ଷା, ସରିଛି ଯାଞ୍ଚ ପ୍ରକ୍ରିୟା

## ବୌଦ୍ଧରୁ ପୁରୁଣାକଟକ ପର୍ଯ୍ୟନ୍ତ ବିଭିନ୍ନ ନିରାପତ୍ତା ଦିଗ ଉପରେ କମିସନରଙ୍କ ତର୍ଜମା



**ବୌଦ୍ଧ୬/୪(ନି.ପ୍ର):** ଦୁଇ ଦୁନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଥିଲେ ରେଳ ବିଭାଗର ସିଆରଏସଙ୍କ ସମେତ ଅନେକ ଉଚ୍ଚ ପଦସ୍ତ ଅଧିକାରୀ । ବୌଦ୍ଧ ଜିଲ୍ଲା ରେ ଦ୍ରୁତ ଗାମୀ ଭାବରେ ଆଗେଇ ଚାଲୁଚି ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ । ତେଣୁ ଦୁଇ ଦିନ ହେଲା ଜିଲ୍ଲା ଗସ୍ତ ରେ ଥିଲେ କମିସନର ଓ ଉଚ୍ଚପଦସ୍ତ ଅଧିକାରୀ । ବୌଦ୍ଧ ଷ୍ଟେସନ ଠାରୁ ଚମ୍ପାପୁର ଓ ଚମ୍ପାପୁର ଠାରୁ ପୁରୁଣାକଟକ ଷ୍ଟେସନ ପର୍ଯ୍ୟନ୍ତ ପୃଥକ ପୃଥକ ଭାବେ ଦୁଇଦିନ ଧରି ନିରାପତ୍ତା କମିଶନରଙ୍କ ସମେତ ଉଚ୍ଚ ପଦସ୍ତ ଅଧିକାରୀଙ୍କ ଯାଞ୍ଚ କାର୍ଯ୍ୟ ସାରିଛନ୍ତି । ଗତକାଲି ଚମ୍ପାପୁର ପର୍ଯ୍ୟନ୍ତ ଯାଞ୍ଚ କାର୍ଯ୍ୟ ସାରିଥିବା ବେଳେ ବୁଧବାର ଦିନ ପୂର୍ବାହ୍ନ ରେ ପୁରୁଣା କଟକ ପର୍ଯ୍ୟନ୍ତ ରେଳ ଟ୍ରାକ ର ତନ ତନ କରି ଯାଞ୍ଚ କରାଯାଇଥିଲା । ରେଳ ଧାରଣା ଯାଞ୍ଚ ସହ ଲେବୁଲ କ୍ରସିଂ, ସିଗିନାଲ, ଇଲେକ୍ଟ୍ରି ଆଦି ବିଭିନ୍ନ ନିରାପତା ଦିଗ ଉପରେ ଯାଞ୍ଚ କରିଥିଲେ । ସେପଟେ ଜିଲ୍ଲା ରେ କାର୍ଯ୍ୟରତ ଥିବା ଟନେଲ କାର୍ଯ୍ୟ ଗୁଡିକ ଶୀଘ୍ର ସରିବା ପାଇଁ ମଧ ପଦକ୍ଷେପ ନିଆଯାଉଥିବା ନେଇ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ଏହି ଯାଞ୍ଚ ପ୍ରକ୍ରିୟା ରେ ନିରାପତ୍ତା କମିଶନରଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଯନ୍ତ୍ରୀ ଓ ଅନନ୍ୟ ରେଲୱେ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସୂଚନା ଥାଉକି ପୁରୁଣା କଟକ ଷ୍ଟେସନ ପର୍ଯ୍ୟନ୍ତ ସିଆରଏସ ଯାଞ୍ଚ କାର୍ଯ୍ୟ ସାରିଥିବ ବେଳେ ଅଞ୍ଚଳ ପାଇଁ ସବୁଜ ସଙ୍କେତ ଖୁବ ଶୀଘ୍ର ରେଳ ଗଡ଼ିବା ନେଇ ଆଶା ବାନ୍ଧିଛନ୍ତି ସ୍ଥାନୀୟ ଲୋକ । ସେନେଇ ପୁରୁଣା କଟକ ନାଗରିକ କମିଟିର କର୍ମକର୍ତ୍ତାମାନେ ଟ୍ରାଏଲ ପାଇଁ ଆସିଥିବା ରେଳ ଗାଡିକୁ ପୂଜାର୍ଚ୍ଚନା କରି ସୁସ୍ୱାଗତ ଜଣାଇବା ସହ କିପରି ପୁରୁଣା କଟକ ପର୍ଯ୍ୟନ୍ତ ରେଳ ଚଳାଚଳ ଶୀଘ୍ର ହୋଇପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ ମଧ କରିଥିଲେ କ୍ଷ ଶେଷରେ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି କେବଳ ପୁରୁଣା କଟକ ପର୍ଯ୍ୟନ୍ତ ରେଳ ଗଡିବାକୁ ଅପେକ୍ଷା ବୋଲି ଅଞ୍ଚଳବାସି ମନରେ ଆଶା ବାନ୍ଧିଛନ୍ତି ।

## ସଂପାଦକୀୟ

# ମନ-ମସ୍ତିଷ୍କ ଓ ଗପ-ଗୀତ

ଆଜିକାଲି ପିଲାମାନେ ଆଉ ଗପ ଶୁଣି ଶୋଉ ନାହାନ୍ତି କି ମା'ମାନେ ଆଉ ଗପ କହୁନାହାନ୍ତି। ତା'ଛଡ଼ା, ଗପ କହିବାକୁ ଆଜିକାଲି ନା ତ ସମୟ ରହୁଛି, ନା ଅଛି ଧୈର୍ଯ୍ୟ। ନାନାବାୟା ଗୀତ କଥା ତ ଛାଡ଼ ! ତାହା ଆଜିକାଲିକା ମା'ମାନଙ୍କୁ ଆସୁ ନଥିବ ମଧ୍ୟ। ନାନାବାୟା ଗୀତଗାଇ ପିଲାଙ୍କୁ ଶୁଆଇବା କୁଆଡ଼େ 'ଆଉଟ୍‌ଡେଟେଡ୍' ବା ପୁରୁଣାକାଳିଆ। ଡିଜିଟାଲ ଯୁଗରେ ପିଲାମାନେ ମନୋରଞ୍ଜନ ଓ ଶିକ୍ଷା ପାଇଁ ଟେଲିଭିଜନ, ସ୍ମାର୍ଟଫୋନ୍, କମ୍ପ୍ୟୁଟର ଓ ଟାବଲେଟ୍ ପରି ଇଲେକ୍ଟ୍ରୋନିକ୍ ଉପକରଣ ସହିତ ଅଧିକରୁ ଅଧିକ ପରିଚିତ। ଗପ ଓ ନାନାବାୟା ଗୀତ ଯେ ପିଲାମାନଙ୍କର ଜ୍ଞାନାତ୍ମକ, ଭାବପ୍ରବଣ ଓ ସାମାଜିକ ବିକାଶରେ ଗଭୀର ଗୁରୁତ୍ୱ ବହନ କରେ ଏବଂ ଅନେକ ମାନସିକ, ସାମାଜିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରେ, ତାହା କେଜାଣି କେତେ ଲୋକ ବୁଝିପାରୁଛନ୍ତି ! ଗପ ଶୁଣିବା ମସ୍ତିଷ୍କର ଏକାଧିକ ଭାଗକୁ ସକ୍ରିୟ କରିଥାଏ, ଯେଉଁଥିରେ ବ୍ରୋକା ଓ ୱର୍ନିକ୍‌ର କ୍ଷେତ୍ର ଅନ୍ତର୍ଭୁକ୍ତ। ଏହା ଧ୍ୱନି ଓ ବୋଧଗମ୍ୟତାକୁ ସୁସଂହତ କରେ। ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯେଉଁ ପିଲାମାନେ ନିୟମିତ ଶୋଇବା ସମୟରେ ଗପ ଶୁଣନ୍ତି, ସେମାନଙ୍କର ଭାଷାଗତ ଦକ୍ଷତା ବୃଦ୍ଧି ପାଇଥାଏ। ପ୍ରତିଦିନ ଗପ ଶୁଣି ଶୁଣି ଗପ କହୁଥିବା ବ୍ୟକ୍ତିଙ୍କ ମୁହଁକୁ ଚାହିଁ ଓଠର ଗତିବିଧିକୁ ଲକ୍ଷ୍ୟ କରୁଥିବା ପିଲାଙ୍କ ତୁଳନାରେ ଦିନକୁ ତିନି ଘଣ୍ଟାରୁ ଅଧିକ ମୋବାଇଲ ବା ଟିଭି ଦେଖୁଥିବା ପିଲାଙ୍କର କଥାବାର୍ତ୍ତା କରିବା ଦକ୍ଷତାରେ ୪୦% ବିଳମ୍ବ ଘଟିଥାଏ। ତାହାସହିତ ଯେଉଁମାନେ ନିୟମିତ ଗପ ଶୁଣୁଥା'ନ୍ତି, ସେମାନଙ୍କର ସାକ୍ଷରତା ଦକ୍ଷତା ପାଞ୍ଚବର୍ଷ ବୟସ ସୁଦ୍ଧା ୨୦% ଅଧିକ ହୋଇଥାଏ। ଅଧ୍ୟୟନ ଅନୁଯାୟୀ ଗପ, ପ୍ରି-ଫ୍ରଣ୍ଟାଲ୍ କର୍ଟେକ୍ସ୍‌ର ବିକାଶକୁ ବୃଦ୍ଧି କରେ, ଯାହା ନିଷ୍ପତ୍ତି ନେବା, ଧ୍ୟାନ ଓ ଆତ୍ମନିୟନ୍ତ୍ରଣ ସହିତ ସଂଶ୍ଳିଷ୍ଟ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ, ପିଲାଦିନରୁ ଅଧିକ ସ୍କ୍ରିନ୍ ସଂସ୍ପର୍ଶରେ ଆସିବା ଦ୍ୱାରା ଧ୍ୟାନ ନିଅଣ୍ଟ ବ୍ୟାଧି ହେବାର ଆଶଙ୍କା ୨୫% ବୃଦ୍ଧି ପାଇଥାଏ। ଯେଉଁ ପିଲାମାନେ ଅଧିକ ଗପ ଶୁଣନ୍ତି, ସେଇମାନେ ଅଧିକ ସ୍କ୍ରିନ୍ ଏକ୍ସପୋଜର ଥିବା ପିଲାମାନଙ୍କ ତୁଳନାରେ ଆବେଗ ନିୟନ୍ତ୍ରଣ ଏବଂ ସମସ୍ୟା ସମାଧାନ କରିବାରେ ଅଧିକ ଦକ୍ଷ ହୋଇପାରନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭାଷାର ବିକାଶ ପାଇଁ ସିଧାସଳଖ ମାନବ ପାରସ୍ପରିକ କ୍ରିୟା ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କୁ ଗପ ଶୁଣାଇବା ଦ୍ୱାରା ପିଲାମାନେ ଜଟିଳ ବାକ୍ୟ ସଂରଚନା ଏବଂ ନୂତନ ଶବ୍ଦଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବରେ ବୁଝିବାରେ ସମର୍ଥ ହୁଅନ୍ତି। ଗପ, ପିଲାଙ୍କର ଧ୍ୟାନ, ଧୈର୍ଯ୍ୟ ଓ କଳ୍ପନାକୁ ମାର୍ଜିତ ଓ ସୃଜନଶୀଳ କରେ, ଯାହା ଶିକ୍ଷାଗତ ସଫଳତା ଏବଂ ସାମାଜିକ ପାରସ୍ପରିକ କ୍ରିୟା ପାଇଁ ଆବଶ୍ୟକ। ଯେତେବେଳେ ପିଲାମାନେ ଗପ ଶୁଣନ୍ତି, ସେମାନେ ବିଭିନ୍ନ ପ୍ରକାରର ଲୋକ, ଚରିତ୍ର, ସ୍ଥାନ, ପରିସ୍ଥିତି ଓ ପରିକଳ୍ପନା ସହିତ ପରିଚିତ ହୁଅନ୍ତି। ଏହା ଶିଶୁମାନଙ୍କୁ ସୃଜନଶୀଳ, ସହନଶୀଳ, ସାହସୀ, ଉଚ୍ଚ ଆକାଂକ୍ଷୀ, କର୍ତ୍ତବ୍ୟପରାୟଣ, ନ୍ୟାୟପରାୟଣ, ଭଳି ଅନେକ ମାନବୀୟ ଗୁଣ ଶିଖାଇଥାଏ। ନାନାବାୟା ଗୀତ ଓ ଗପ ଆଦି ପିଲାମାନଙ୍କ ମଧ୍ୟରେ ଚାପ ହ୍ରାସ କରିଥାଏ ଓ ଭାବପ୍ରବଣତା ବୃଦ୍ଧି କରିଥାଏ।

ଶିଶୁ ଆଚରଣ ଓ ବିକାଶ ଉପରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ନାନାବାୟା ଗୀତ ଶିଶୁଙ୍କ ହୃଦସ୍ପନ୍ଦନକୁ ନିୟନ୍ତ୍ରଣ କରିବାରେ ଏବଂ ସେମାନଙ୍କ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଗପ ଓ ନାନାବାୟା ଗୀତ ଶୁଣାଇବା ଦ୍ୱାରା ମସ୍ତିଷ୍କ ଅକ୍ସିଟୋସିନ୍ ମୁକ୍ତ କରେ, ଯାହା ଗପ ଶୁଣାଉଥିବା ବା ନାନାବାୟା ଗୀତ ଗାଉଥିବା ବ୍ୟକ୍ତି ଏବଂ ଶୁଣୁଥିବା ପିଲାମାନଙ୍କ ମଧ୍ୟରେ ସମ୍ପର୍କକୁ ମଜଭୁତ କରେ। ସ୍କ୍ରିନ୍-ଆଧାରିତ ପାରସ୍ପରିକ କ୍ରିୟାରେ ମାନବ ସ୍ପର୍ଶ ଓ ଉଷ୍ମତା ନଥାଏ, ଯାହା କେବଳ ପିତାମାତା, ଜେଜେବାପା-ଜେଜେମା ବା ଗପ କହୁଥିବା ବା ଗୀତ ଗାଉଥିବା ବ୍ୟକ୍ତି ପିଲାଟିକୁ ପ୍ରଦାନ କରିପାରନ୍ତି। ପିଲାଙ୍କର ଗପ ବା ନାନାବାୟା ଗୀତ ଶୁଣିବା ଦୀର୍ଘକାଳୀନ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ଛୁଆଟିକୁ କୋଳରେ ଧରି, ତା' ମୁହଁକୁ ଅନାଇ ଗପ କହିବା, ନାନାବାୟା ଗୀତ ଗାଇବା, ଅତି ସାମାନ୍ୟ ବା ଆଜିକା ସମୟରେ ସମୟର ଅପଚୟ ଲାଗି ପାରେ। କିନ୍ତୁ ତାହାର ପ୍ରଭାବ ପିଲାଙ୍କ ଉପରେ ଦୀର୍ଘସ୍ଥାୟୀ। ଆଜିକାଲି ମୋବାଇଲ୍ ଓ ୟୁଟ୍ୟୁବ୍ ରେ ଗୀତ ବାଜୁଥିବ ଏବଂ ସେଇଆକୁ ଶୁଣି ପିଲା ଶୋଇବା ଅଭ୍ୟାସ କରୁଛନ୍ତି କିମ୍ବା ଅଭ୍ୟାସ କରାଯାଉଛି।

ଆଗରୁ ପିଲାଟି ଯେତେବେଳେ ଖାଇବା ପାଇଁ ଅମଙ୍ଗ ହୋଇ ମା'କୁ ହଇରାଣ କରୁଥିଲା, ମା' ସେତେବେଳେ ଗୋଟିଏ ହାତରେ ପିଲାକୁ କାଖେଇ ଆର ହାତରେ ଖାଇବା ଥାଳି ଧରି କାଉ, କୋଇଲି, ପକ୍ଷୀ, ଜୀବଜନ୍ତୁ ଦେଖାଇ, କେତେ ଗପ ଶୁଣାଇ ଖାଇବା ଥାଳି ଶେଷ କରିଦେଉଥିଲା। କିନ୍ତୁ ଆଜି ପିଲାକୁ କାର୍ଟୁନ୍ ସାମ୍ନାରେ ବସାଇ ଦିଅ, ତରବର ହୋଇ ପିଲାଟିକୁ ଚାମୁଚରେ ଖୁଆଇ ଦେଇ କାମ ସାରିଦେଲେ ଗଲା। ଆଜିକାଲି ମା'ଙ୍କ ପାଖରେ ଏତେ ସମୟ ନାହିଁ ଯେ ଭାତ ଗୁଣ୍ଡା କରି, ଏଇଟା ମାମୁଁଙ୍କର ଗୁଣ୍ଡା, ଏଇଟା ଅଜାଙ୍କର ଗୁଣ୍ଡା କହି, ଗପ ଶୁଣାଇ, ଗୀତଗାଇ ପିଲାଟିକୁ କୋଳରେ ବସାଇ ନିଜ ହାତରେ ଖୁଆଇ ଦେବ। ମୋବାଇଲ୍ ଫୋନ୍‌ରେ କାର୍ଟୁନ୍ ସିରିଏଲ୍ କିମ୍ବା ୟୁଟୁବ୍‌ରେ ପିଲାଙ୍କ ଗୀତ ଲଗେଇ ଦେଲେ ପିଲା ଆପେ ଆପେ ଖାଇ ଦେବେ। ଧୀରେ ଧୀରେ ପିଲା ଯେମିତି ବଡ଼ ହୁଅନ୍ତି, ତାଙ୍କର ଜିଜ୍ଞାସୁ ମନକୁ ଖାଦ୍ୟ ଯୋଗାଇବାକୁ ସେମାନେ ବହୁତ ପ୍ରଶ୍ନ କରିଥା'ନ୍ତି। ଯେମିତି, ପତ୍ର କାହିଁକି ସବୁଜ ? ବର୍ଷା କେମିତି ହୁଏ ? ଆମେ ଦିନରେ କାହିଁକି ତାରା ଦେଖିପାରୁ ନାହାନ୍ତି ? ଇତ୍ୟାଦି ଇତ୍ୟାଦି। ଏବେ ଗପ ମାଧ୍ୟମରେ ତାହା ନ ବୁଝାଇ, ପିଲାଟିକୁ ଇଣ୍ଟରନେଟ୍ ବା ୟୁଟ୍ୟୁବ୍ ଦେଖିକି ଶିଖିବାକୁ କହି ଦିଆଯାଉଛି। ଏମିତି କୌଣସି ପ୍ରଶ୍ନ ନାହିଁ, ଯାହାର ଉତ୍ତର ଗୁଗଲ୍ କିମ୍ବା ୟୁଟ୍ୟୁବ୍ ପାଖରେ ନଥିବ। ଆଉ ଗପର ଆବଶ୍ୟକତା ବା କ'ଣ ?

ଯୁଗ ଯୁଗ ଧରି ଗପ, କାହାଣୀ, ଲୋକକଥା, ଲୋକସଙ୍ଗୀତ ମାନବ ସଭ୍ୟତାର ଏକ ମୌଳିକ ଅଂଶ ହୋଇ ରହିଆସିଛି। ପରମ୍ପରା, ନୈତିକତା ଓ ଇତିହାସକୁ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ପ୍ରଦାନ ପାଇଁ ଏହା ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି। ସାଂସ୍କୃତିକ ସଂରକ୍ଷଣରେ ନାନାବାୟା ଗୀତ, ଲୋକସଙ୍ଗୀତ, ଲୋକକଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଭିନ୍ନ ସଂସ୍କୃତିରେ ଅନନ୍ୟ ନାନାବାୟା ଗୀତ ଓ ଗପ ରହିଛି, ଯାହା ଗଭୀର ଐତିହାସିକ ଓ ସାମାଜିକ ଅର୍ଥ ବହନ କରେ। ଉଦାହରଣ ସ୍ୱରୂପ, ଭାରତରେ ଗପ ଓ ନାନାବାୟା ଗୀତରେ ପ୍ରାୟତଃ ଆଧ୍ୟାତ୍ମିକ ଏବଂ ନୈତିକ ଶିକ୍ଷା ଅନ୍ତର୍ଭୁକ୍ତ, ଯାହା ପ୍ରମାଣିତ କରେ ଯେ ମାନବ ସମାଜ ଏକ ଐଶ୍ୱରୀୟ ଶକ୍ତି ଦ୍ୱାରା ପରିଚାଳିତ। ଆମ ଗପରେ କେତେବେଳେ ଜହ୍ନ ଆମର ମାମୁ ତ ଆଉ କେତେବେଳେ ସୌରମଣ୍ଡଳ ଆମ ମାମୁଁଘର। ବିଲେଇ କେତେବେଳେ ନାନୀ ତ ବିଲୁଆ କେତେବେଳେ ନନା। ନଦୀ କେତେବେଳେ ମା' ତ ଗୁଣ୍ଡୁଚିମୂଷା ମାଉସୀ। ବେଙ୍ଗ କେତେବେଳେ ରାଣୀ ତ ସିଂହ କେତେବେଳେ ରାଜା। ଭାଲୁ କେତେବେଳେ ଭାଇନା ତ ବରଗଛ କେତେବେଳେ ବୁଢ଼ା। ଗପ ବା ଗୀତରେ ଥିବା ବିବିଧତା ଏହା ଦର୍ଶାଏ ଯେ ପୃଥିବୀରେ ବାସ କରୁଥିବା ସମସ୍ତ ଜୀବଜଗତ ପରସ୍ପର ସହିତ ଜଡ଼ିତ ଏବଂ ଏକ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କରେ ବନ୍ଧା। ହେଲେ ସେଇ ଗପ ଓ ଗୀତର ଲୋପ ସହିତ ଆମେ ମଣିଷ ବୋଧେ ଧୀରେ ଧୀରେ ନିଜ ମଣିଷପଣିଆ ତ୍ୟାଗ କରିଚାଲିଛନ୍ତି। ଆଜିକାଲି ମଣିଷ ଏତେ ବାସ୍ତବବାଦୀ ବା ବସ୍ତୁବାଦୀ ହୋଇଗଲାଣି ଯେ ଗପର ସେଇ କାଳ୍ପନିକ, ପୌରାଣିକ, ଅବିଶ୍ୱସନୀୟ ଭାବ ଓ ଭାବନା ଉପରେ ନା ତ ବିଶ୍ୱାସ କରୁଛି ନା ନିଜ ପିଲାଙ୍କୁ କହିବାକୁ ପସନ୍ଦ କରୁଛି ନା ପିଲାଙ୍କ ଉପରେ ଗପର ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରୁଛି। ଆଜି ମଣିଷ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତାର ଆବିଷ୍କାରକ, ସେତେବେଳେ ଆଇମା' ଗପ, ବାଘମାମୁ, ଜହ୍ନମାମୁ, ଗପରୁ ବା କ'ଣ ମିଳିବ ଭାବିବାଟା ସତରେ କ'ଣ ଯୁକ୍ତିଯୁକ୍ତ ? ଗପ, ଗପ ହେଲେ ସୁଦ୍ଧା ତା'ର ଜ୍ଞାନାତ୍ମକ, ଗୁଣାତ୍ମକ ତଥା ସୃଜନାତ୍ମକ ମହତ୍ତ୍ୱ ଗଭୀର।

# ଡିଜିଟାଲ ନିଶାକ୍ରାନ୍ତ ଶିଶୁ

ଆଜିକାଲି ଅନେକ ପିଲା ପ୍ରାୟତଃ ଆଉ ପୂର୍ବ ପରି ସାଙ୍ଗସାଥୀ ବା ସାମାଜିକ ସମ୍ପର୍କ ସହ ଯୋଡ଼ି ହୋଇପାରୁ ନାହାନ୍ତି। ଏହାର ବଡ଼ କାରଣ ହେଉଛି ସେମାନଙ୍କ ହାତରେ ଘଣ୍ଟା ଘଣ୍ଟା ଧରି ଅତ୍ୟାଧୁନିକ ମୋବାଇଲ ଫୋନ। ଏହି ଡିଜିଟାଲ ନିଶା ସେମାନଙ୍କୁ ସମ୍ପର୍କର ସାମାଜିକତା ଶିକ୍ଷା ଦେଉ ନାହିଁ। ସାଇବର ଅପରାଧ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟ ପିଲାମାନଙ୍କ ଦ୍ୱାରା ବହୁଳ ବ୍ୟବହୃତ ଆପ୍‌କୁ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ୨୦୨୩ରେ ଏକ ଅଭାବନୀୟ ଘଟଣା ଥିଲା ଭୁବନେଶ୍ୱର ସନ୍ନିକଟ ଏକ ଗ୍ରାମରେ। ବାପାମା' ମୋବାଇଲ ଫୋନ ଦେଖିବାରେ ଆକଟ କରିବାରୁ ପିଲାଟି ମନସ୍ତାପ ଓ ଅପମାନିତ ବୋଧ କରି ଆତ୍ମହତ୍ୟା କରିଦେଲା। ମାତ୍ର ଏଗାର ବର୍ଷ ବୟସର ଏକମାତ୍ର ପୁତ୍ରର ଏପରି ଦୁଃଖଦ ମୃତ୍ୟୁକୁ ସହ୍ୟ ନ କରିପାରି ପିତାଟି ତତ୍‌କ୍ଷଣାତ ଆତ୍ମହତ୍ୟାର ରାସ୍ତା ବାଛିନେଲେ। ଏକ ପରିବାରର ଦୁଇ ଦୁଇଟି ପୁରୁଷର ବଂଶ ଏକାଥରେ ନଷ୍ଟ ହୋଇଗଲା। ଥରେ ଭାବିଦେଖନ୍ତୁ ତ, ଏହି ପରିବାର ଉପରେ କେଉଁପରି ଭୟଙ୍କର ଦୁଃଖ ଓ ଯନ୍ତ୍ରଣାର କଳାବାଦଲ ଘୋଟି ଆସିଲା ମାତ୍ର ଏକ ମୋବାଇଲ ଫୋନର ଘଟଣାକୁ ନେଇ।

ଇଂରାଜୀରେ ଏକ ଶବ୍ଦ ହେଉଛି 'ଫବିଙ୍ଗ୍'। କଲିନ୍ସ ଡିକ୍ସନାରିରେ ଏହି ଶବ୍ଦର ଅର୍ଥ ହେଉଛି ଅନ୍ୟମାନଙ୍କ କଥାକୁ ଖାତିର ନକରି ଫୋନ୍ ବା କୌଣସି ଗ୍ୟାଜେଟରେ ମଜ୍ଜି ରହିବା। ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏବେ ଯେମିତି 'ଫବିଙ୍ଗ୍'ର ଶିକାର ହୋଇଯାଇଛନ୍ତି। ଆଜିର ଡିଜିଟାଲ ଯୁଗରେ ଅଧିକାଂଶ ଲୋକ ସେମାନଙ୍କ ସାମାଜିକ ସମ୍ପର୍କକୁ କମ୍ ଗୁରୁତ୍ୱ ଦେଇ ବିଭିନ୍ନ ଗ୍ୟାଜେଟ୍‌ରେ ବ୍ୟସ୍ତ। ତେବେ ମନବିଜ୍ଞାନର ତଥ୍ୟ ଅନୁଯାୟୀ, ପିଲାମାନଙ୍କ ମଧ୍ୟରେ ବଢୁଥିବା ଡିଜିଟାଲ ନିଶା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ଖରାପ କରିବାର ଆଶଙ୍କା ରହିଛି। ନିକଟରେ କେତେକ ଆନ୍ତର୍ଜାତିକ ସ୍ତରର ସ୍ୱାସ୍ଥ୍ୟ ପତ୍ରିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ବସ୍ତୁରେ ମଣିଷ ଯେତେବେଳେ ଅଧିକ ସମୟ ବ୍ୟସ୍ତ ରହେ, ତା'ର ମସ୍ତିଷ୍କ ଅନ୍ୟଙ୍କୁ ଅବଜ୍ଞା ବା ଅବହେଳା କରିଥାଏ। ସେହିଭଳି ବ୍ୟକ୍ତି ଯଦି ତାଙ୍କ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ରେ ଲଗାତାର ଭାବେ ନିମଜ୍ଜିତ ରହିଥାଏ ସେତେବେଳେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ସେ ଧ୍ୟାନ ଦିଏ ନାହିଁ। ଏହାଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦେବା, ଅନ୍ୟମାନଙ୍କ ସହ ଆଲୋଚନା କରିବା ଏବଂ ନିଷ୍ପତ୍ତି ନେବା କ୍ଷେତ୍ରରେ ସେ ବିଫଳ ହୁଏ। ସେହିପରି ଅନ୍ୟ ଏକ ସନ୍ଦର୍ଭ ଅନୁଯାୟୀ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ରେ ବିଶେଷକରି ପିଲାମାନେ ଦୀର୍ଘ ସମୟ ଧରି ବ୍ୟସ୍ତ ରହିବା ଦ୍ୱାରା ସେମାନେ ଅମନଯୋଗୀ ହେବା ସହିତ ଧୀରେ ଧୀରେ ଏକ ପ୍ରକାର ସାମାଜିକ ସ୍ଥିତି ଓ ଭାରସାମ୍ୟତାର ଚିନ୍ତନରୁ ବାହାରିଯିବା ପରି ପ୍ରତୀୟମାନ ହୁଅନ୍ତି।

ସମ୍ପ୍ରତି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଯେଉଁପରି ସ୍ଥିତିରେ ଆମ ସମସ୍ତଙ୍କୁ ପହଞ୍ଚାଇଛି, ସେଥିରେ ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ତୁଳନାରେ ଇଣ୍ଟରନେଟ୍ ଅଧିକ ସହଯୋଗୀ ଓ ସୁଲଭ ହୋଇପାରୁଛି। ଏଗୁଡ଼ିକ ସବୁ ହାତପାଆନ୍ତାରେ ମୋବାଇଲ ଫୋନ୍‌ରେ ଉପଲବ୍ଧ ହୋଇପାରୁଛି। ଏହାଦ୍ୱାରା ବ୍ୟକ୍ତିର ମାନସିକ କ୍ଷେତ୍ର ଯେଉଁପରି କର୍ମବ୍ୟସ୍ତ ରହି ଶାରୀରିକ ସନ୍ତୁଳନକୁ ରକ୍ଷା କରିଥାଏ ତାହା ବିଫଳ ହେଉଛି। ସହଜେ ବର୍ତ୍ତମାନ ଲୋକେ ଶ୍ରମକାତର ହେବାରେ ଲାଗିଛନ୍ତି। ପାଠପଢ଼ିବା ସହିତ ପିଲାମାନଙ୍କର କ୍ରୀଡ଼ା କସରତ୍, ବ୍ୟାୟାମର ନିହାତି ଆବଶ୍ୟକତା ରହିଛି। ଯାହାପାଇଁ ପିଲାମାନଙ୍କ ପାଠ୍ୟକ୍ରମରେ ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ପିଇଟି ବା ଶାରୀରିକ କ୍ରୀଡ଼ାର ସୂଚିତ ହୋଇଥିବା ଦିନଟିଏ ରହିଛି। କିନ୍ତୁ ଆଜିର କର୍ମବ୍ୟସ୍ତ ବାହାନାରେ ପିଲାମାନଙ୍କର ଏହି ଦିଗକୁ ବିଶେଷକରି କେତେକ ଅଭିଭାବକ ଅଣଦେଖା କରୁଛନ୍ତି। ଯାହାଦ୍ୱାରା ପିଲାମାନଙ୍କ ସୃଜନଶୀଳତା ସହିତ ଶାରୀରିକ ବିକାଶ ଏବଂ ସବୁଠାରୁ ବଡ଼ କୁହାଯାଉଥିବା ମନବିଜ୍ଞାନ କ୍ଷେତ୍ରର ମାନସିକ ଅଗ୍ରସରତା ସେମାନଙ୍କ ବୌଦ୍ଧିକତା ଦିଗକୁ ନେବା ପାଇଁ ପ୍ରତିବନ୍ଧକ ସାଜିଥାଏ।

ଏହି ଲେଖକ ଶିଶୁରୋଗ ଚିକିତ୍ସା କ୍ଷେତ୍ରରେ ସୁଦୀର୍ଘ ଅନୁଭୂତିରୁ ଜାଣିଛି କିଛି ବ୍ୟସ୍ତ ଅଭିଭାବକ ପ୍ରତିକ୍ରିୟାରେ ଜଣାଇଥା'ନ୍ତି ଯେ ସେମାନଙ୍କର ପିଲାମାନେ ଫୋନ୍, ଇଣ୍ଟରନେଟ୍ ଓ ଟାବଲେଟ୍‌ରେ ବ୍ୟସ୍ତ ରହୁଥିବା ଯୋଗୁଁ ସେମାନେ ନିଜର କେବଳ ପରିପାର୍ଶ୍ୱିକ ଅବସ୍ଥିତି ନୁହେଁ, ଖାଦ୍ୟପେୟ ଓ ବିଶ୍ରାମକୁ ବି ଭୁଲିଯାଉଛନ୍ତି। ଯାହାକି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତର ପ୍ରଭାବ ପକାଉଛି। ଏହା ନିଃସନ୍ଦେହ ଯେ, ପିଲାମାନେ ଅନେକ ଶାରୀରିକ ମାନସିକ ରୋଗକୁ ଖୁବ୍ କମ ବୟସରୁ ଆମନ୍ତ୍ରଣ କରିଥା'ନ୍ତି। ମେଦବହୁଳତାକୁ ବି ଏହାର ଏକ କାରଣ କୁହାଯାଇପାରେ। ଅଧିକାଂଶ ପିଲା ଖେଳକୁଦ ନକରି ଗୋଟିଏ ସ୍ଥାନରେ ବସି ରହି ଘଣ୍ଟା ଘଣ୍ଟା ଧରି ଭିଡିଓ ଗେମ୍ ଓ ଇଣ୍ଟରନେଟ୍‌ରେ ବ୍ୟସ୍ତ ରହୁଥିବାରୁ ଯେତିକି ପରିମାଣରେ ସେମାନଙ୍କ ଶାରୀରିକ ବିକାଶ ସମ୍ଭବ ହୋଇନଥାଏ ସେତିକି ପରିମାଣରେ ସେମାନଙ୍କ ମାନସିକ ଓ ବୌଦ୍ଧିକ କ୍ଷେତ୍ର ବାଧାପ୍ରାପ୍ତ ହୋଇଥାଏ। ପିଲାମାନେ ଭୁଲିଯାଇଥା'ନ୍ତି ମୋବାଇଲ ଓ ଲ୍ୟାପ୍‌ଟପ୍‌ରୁ ନିର୍ଗତ ହେଉଥିବା ବିକିରଣ ସେମାନଙ୍କ ସ୍ନାୟୁବିକ ସମସ୍ୟାକୁ ଆକ୍ରାନ୍ତ କରିଥାଏ। ତେବେ ସବୁଠାରୁ ବଡ଼କଥା ହେଉଛି 'ଡିଜିଟାଲ ଇଣ୍ଡିଆ' ସ୍ୱପ୍ନରେ ସମ୍ପ୍ରତି ସବୁମହଲ ସ୍ୱାଭାବିକ ଭାବେ ବ୍ୟସ୍ତ। ତେବେ ପିଲାମାନଙ୍କର ଏହି ଡିଜିଟାଲ ନିଶା ସେମାନଙ୍କର ମାନସିକ ଓ ଶାରୀରିକ ସମସ୍ୟାକୁ ଯନ୍ତ୍ରଣା ଜର୍ଜରିତ କରିବା ପୂର୍ବରୁ ବିଶେଷକରି ପିତାମାତାମାନେ କୌଣସି କ୍ଷେତ୍ରରେ ସେମାନଙ୍କର ମାନସିକ ଅବସାଦ ବା ବିଷାଦ ବା ଚିନ୍ତନର ଭିନ୍ନତାକୁ ଲକ୍ଷ୍ୟ କଲେ ତୁରନ୍ତ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ।

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ
(ଫକୀରମୋହନ ମେଡିକାଲ କଲେଜ, ବାଲେଶ୍ୱର)

# ଘିବିଲି କାର୍ଟୁନ୍ ନିଶା ଆଉ ଆମ ଯୁବପିଢ଼ି

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ବର୍ତ୍ତମାନ ଘିବଲି ଷ୍ଟାଇଲ କାର୍ଟୁନ ଫଟୋ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ ହୋଇଗଲାଣି । ଆଉ ଏହି ଟ୍ରେଣ୍ଡ ଦିନକୁ ଦିନ ବେଶ୍ ଭାଇରାଲ ହେଉଛି । କ୍ରିକେଟ ବିଶ୍ୱକପ ବିଜୟର ଖୁସି ଠାରୁ ନେଇ ମୋଦୀଙ୍କ ଶପଥ । ବାହୁବଳୀ ଠାରୁ ଆରମ୍ଭ କରି ଡିଡିଏଲଜେ ସିନେମା ଯାଏଁ ସବୁଥିରେ ଏବେ ସୋସିଆଲ ମିଡିଆରେ ଘିବଲି ଷ୍ଟାଇଲ ଫଟୋ ଦେଖିବାକୁ ମିଳୁଛି । ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଘିବିଲି ନିଶା । ନୂଆ ଟ୍ରେଣ୍ଡକୁ ଫଲୋ କରୁଛନ୍ତି ଯୁବପିଢ଼ି । ଖାଲି ଯୁବପିଢ଼ି ନୁହଁ ବୟସ୍କ ଓ ଶିକ୍ଷିତ ନାମଦାମୀ ଲୋକ ମଧ୍ୟ ଏହା ପଛରେ ପଡିଯାଇଛନ୍ତି ଯାହା ସମସ୍ତ ସୋସିଆଲ ମିଡ଼ିଆର ୟୁଜର୍ସ ମାନଙ୍କୁ ଆକୃଷ୍ଟ କରୁଛି । ଯିଏ ଏହି ଫୋଟୋ ଦେଖୁଛି ତା ମନରେ କେମିତି ହେଲା ବୋଲି ପ୍ରଶ୍ନ ଆସୁଛି । ହ୍ୱାଟ୍ ?ସଆପ୍ ? ଠୁ ଆରମ୍ଭ କରି ଏକ୍ସ ପର୍ଯ୍ୟନ୍ତ ସବୁଠି ଘିବିଲିର ଲୋକପ୍ରିୟତା ଦେଖିବାକୁ ମିଳୁଛି । ଏହି ଟୁଲ୍ ମାଧ୍ୟମରେ ସୋସିଆଲ ମିଡ଼ିଆର ୟୁଜର୍ସମାନେ ଯେକୌଣସି ଫୋଟୋକୁ ଆନିମେଟେଡ଼ ଭଳି ପରିବର୍ତ୍ତନ କରୁଛନ୍ତି । ସୋସିଆଲ ମିଡ଼ିଆରେ ଟ୍ରେଣ୍ଡ ଏବେ ଭାଇରଲ ଘିବିଲି ଯାହା ଡ଼କ୍ଟରଭ ଏଆଇ ( ଆର୍ଟିଫିସିଆଲ ଇଣ୍ଟେଲିଜିଏଣ୍ଟ )ର ଜିପିଟି-୪୦ ମଡେଲ ଦ୍ୱାରା ସମ୍ଭବ ହୋଇପାରିଛି । ନିଜ ଫଟୋଠୁ ଆରମ୍ଭ କରି ସାଙ୍ଗସାଥୀଙ୍କ ସହ ଉଠେଇଥିବା ଫଟୋ ସବୁ ଏବେ ନୂଆ ଟ୍ରେଣ୍ଡ ଘିବଲିରେ ପରିବର୍ତ୍ତନ ହେବାରେ ଲାଗିଛି । ନେତାଙ୍କ ଠାରୁ ଆରମ୍ଭ କରି ଅଭିନେତାଙ୍କ ଫଟୋ, ସିନେମା ପୋଷ୍ଟର ଠାରୁ ଆରମ୍ଭ କରି ଲୋକଙ୍କ ବ୍ୟକ୍ତିଗତ ଫଟୋ, ଏବେ ଘିବଲି ଆର୍ଟରେ ରୂପାନ୍ତରିତ ହେଉଛି। 'ଚାଟ୍ ଜିପିଟି' ଏବଂ 'ଗ୍ରୋକ' ଏଆଇ ଟୁଲକୁ ବ୍ୟବହାର କରି ନିଜ ନିଜର ଘିବଲି ଫଟୋ ବନାଉଛନ୍ତି ୟୁଜର୍ସ।

ଏଇ କିଛି ଦିନ ହେବ ସୋସିଆଲ ମିଡିଆ ସ୍କ୍ରଲିଂ କରୁଥିବା ବେଳେ ନଜରରେ ଆସୁଛି ଫେସବୁକ, ଇଷ୍ଟାଗ୍ରାମ, ଏକ୍ସ ଆଦି ପ୍ଲାଟଫର୍ମରେ ଘିବଲି ଷ୍ଟାଇଲ ଫଟୋ । ନେତାଙ୍କର ହେଉ କି ଅଭିନେତାଙ୍କର ଅବା ହେଉ ଖେଳାଳୀଙ୍କର ଏଆଇ ଜେନେରେଟେଡ ଫଟୋ ନିହାତି ଆଖିରେ ପଡୁଛି । ଯେତେବେଳେ ସାରା ଦୁନିଆର ଲୋକେ ଘିବଲି ଟ୍ରେଣ୍ଡରେ ସାମିଲ ହୋଇଛନ୍ତି ସେତେବେଳେ ନିଜକୁ ସେହି ଟ୍ରେଣ୍ଡରେ ସାମିଲ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରାୟ ୧୦ରୁ ଅଧିକ ଘିବଲି ଷ୍ଟାଇଲ ଫଟୋ ମୋଦୀଙ୍କର ଭାଇରାଲ ହେଉଛି । ଖାଲି କଣ ମୋଦୀ ବରଂ ଶାହା, ଯୋଗୀ ଆଦିତ୍ୟନାଥ, ଆତିଶୀ, ଶଶୀ ଥରୁର, ଅଖିଳେଶ ଯାଦବ, ଜେ.ପି ନଡ୍ଡାଙ୍କ ସମେତ ଓଡିଶା ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭଳି ଅନେକ ରାଜନେତାଙ୍କ ଘିବଲି ଷ୍ଟାଇଲ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ରାହୁଲ ଗାନ୍ଧୀ ଦାଢି ରଖା ଫଟୋ ବି ଘିବଲି ଷ୍ଟାଇଲରେ ଏବେ ଖୁବ୍ ଟ୍ରେଣ୍ଡରେ ରହିଛି । ଏ ଘିବଲି ନାମଟି ନୂଆ ଲାଗୁଥିଲେ ମଧ୍ୟ ଏହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ଆଉ ଏହି ଟ୍ରେଣ୍ଡିଙ୍ଗର ଶ୍ରେୟ ଯାଉଛି ଡ଼କ୍ଟରଭ ଇଓ ର ଏଚଞ୍ଜ-୪୦ ମଡେଲକୁ । ଲୋକମାନେ ଏହି ଟୁଲ୍ ଜରିଆରେ ଯେକୌଣସି ଫଟୋକୁ ଆକର୍ଷଣୀୟ ରୂପେ ପରିବର୍ତ୍ତନ କରି ଆନିମେଟେଡ଼ ଭଳି ରୂପାନ୍ତରଣ କରିପାରୁଛନ୍ତି । ଯାହାର କ୍ରେଜ ଏବେ ସବୁଠି ଦେଖିବାକୁ ମିଳୁଛି ।

ତେବେ ଆସନ୍ତୁ ଜାଣିବା ଘିବଲି ଫୋଟୋ କଣ ? ଘିବିଲି ଫୋଟୋ ହେଉଛି ଯାହା ସାହାଯ୍ୟରେ ଆମେ ଗୋଟେ ଫୋଟର ବାସ୍ତବିକତାରେ ପରିବର୍ତ୍ତନ ଆଣିଥାଏ । ଆମେ ଗୁଗୁଲ ଓ ଚାର୍ଟ ଜିପିଟି ସାହାଯ୍ୟରେ ଏମିତି ଫୋଟୋ କରିପାରିବା । ଆମେ ଏହି ଟୁଲ ସାହାଯ୍ୟରେ ନିଜର ଏକ ବାସ୍ତବିକତା ଫୋଟୋ ଉପଲୋଡ କରିବା ତାପରେ ଆମର କାର୍ଟୁନ ସଦୃଶ୍ୟ ଫୋଟୋ ବା ଘିବଲି ଫୋଟୋ ତିଆରି କରିଥାଏ । ଘିବିଲି ଫୋଟୋର ଉଦ୍ଭାବକ ହେଉଛନ୍ତି ହାୟାଓ ମିୟାଜାକି । ସେ ହେଉଛନ୍ତି ଜାପାନର ଜଣେ ଆନିମେଟର । ସେ ଜାପାନୀ ଆନିମେଟେଡ୍ ଫିଚର ଫିଲ୍ମର ସ୍ରଷ୍ଟା ଭାବରେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ସେ ଆନିମେସନ୍ ଇତିହାସରେ ସବୁଠାରୁ ସଫଳ ଚଳଚ୍ଚିତ୍ର ନିର୍ମାତାଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା ମଧ୍ୟ କରାଯାଏ । ତାଙ୍କ ନୂଆ ଆନିମେସନ୍ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଘିବଲି ଫଟୋ, ଜାପାନର ପ୍ରସିଦ୍ଧ ଷ୍ଟୁଡିଓ ଘିବଲି ଦ୍ୱାରା ଅନୁପ୍ରାଣିତ। ଏହା ଏକ ଜାପାନୀ ଆନିମେସନ୍ ଷ୍ଟୁଡିଓ। ୧୯୮୫ ମସିହାରେ ମିଆଜାକି, ଇସାଓ ତାକାହାତା ଏବଂ ତୋଶିଓ ସୁଜୁକିଙ୍କ ଦ୍ୱାରା ଏହା ପ୍ରତିଷ୍ଠିତ ହୋଇଥିଲା। ସେହିପରି ଏହି ଘିବଲି ନାମଟି ଇଟାଲୀୟ ଶବ୍ଦରୁ ମଧ୍ୟ ଆସିଛି। ଏହି ନାମଟି ମିୟାଜାକିଙ୍କ ଇଟାଲୀ ଏବଂ ଉଡ଼ାଜାହାଜ ପ୍ରତି ପ୍ରେମରୁ ପ୍ରେରିତ ହୋଇଥିଲା। ହାୟାଓ ମିୟାଜାକି ହେଉଛନ୍ତି ଘିବଲିର ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ। ତାଙ୍କୁ 'ଏସିଆର ୱାଲ୍ଟ ଡିଜନି' ବୋଲି ମଧ୍ୟ କୁହାଯାଏ। ଘିବଲି ଏକ ଜାପାନୀ ଆନିମେସନ୍ ଷ୍ଟୁଡିଓ ଯାହା ୧୯୮୫ ମସିହାରେ ମିଆଜାକି, ଇସାଓ ତାକାହାତା ଏବଂ ତୋଶିଓ ସୁଜୁକିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ହାୟାଓ ମିୟାଜାକି ହେଉଛନ୍ତି ଘିବଲିର ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ। ତାଙ୍କୁ 'ଏସିଆର ୱାଲ୍ଟ ଡିଜନି' ବୋଲି ମଧ୍ୟ କୁହାଯାଏ। ଘିବଲିର ଅନେକ ଚଳଚ୍ଚିତ୍ର କ୍ଲାସିକ୍ ପାଲଟିଛି। ଏମାନଙ୍କ ମଧ୍ୟରୁ ଦୁଇଟି ଓସ୍କାର ମଧ୍ୟ ଜିତିଛନ୍ତି । ହାୟାଓ ମିୟାଜାକି ଜାପାନର ଜଣେ ପ୍ରସିଦ୍ଧ ଆନିମେସନ୍ ନିର୍ଦ୍ଦେଶକ ଏବଂ ଷ୍ଟୁଡିଓ ଘିବଲିର ସହ-ପ୍ରତିଷ୍ଠାତା। ତାଙ୍କୁ 'ଏସିଆର ୱାଲ୍ଟ ଡିଜନି' କୁହାଯାଏ। ୨୦୧୪ ମସିହାରେ ସେ ଓସ୍କାର ସମ୍ମାନଜନକ ପୁରସ୍କାର ପାଇଥିଲେ। ମିଆଜାକି ଇଓ ବ୍ୟବହାର କରି ସୃଷ୍ଟି ହୋଇଥିବା କଳାର ବିରୋଧୀ। ୨୦୧୬ରେ, ଯେତେବେଳେ ତାଙ୍କୁ ଇଓ ଦ୍ୱାରା ନିର୍ମିତ ଏକ ଆନିମେସନ୍ କ୍ଲିପ୍ ଦେଖାଯାଇଥିଲା, ସେ ଏହାକୁ 'ଜୀବନର ଅପମାନ' ବୋଲି କହିଥିଲେ। ସେ କହିଥିଲେ ଯେ କୃତ୍ରିମ ଶାସ୍ତ୍ର କଳାକାରମାନଙ୍କୁ ବଦଳାଇ ପାରିବ ନାହିଁ। ଏହା କଳା ଏବଂ ଭାବନାର ଅପମାନ।

ତେବେ କିଛି ବର୍ଷ ଧରି ଷ୍ଟୁଡିଓ ଘିବଲିର ଆନିମେସନ୍ ଫଟୋ, ଭିଡିଓ ଦର୍ଶକଙ୍କୁ ଆକର୍ଷିତ କରିଆସୁଛି। ବର୍ତ୍ତମାନ ଚାଟ୍ ଜିପିଟି ଏବଂ ଗ୍ରୋକ ଏଆଇ ଟୁଲରେ ଏହି ଜେନେରେସନ୍ ଉପକରଣ ମାଗଣାରେ ଉପଲବ୍ଧ ହୋଇଥିବାରୁ, ଏହାକୁ ବନେଇବା ପାଇଁ ଉତ୍ସାହିତ ହୋଇପଡ଼ିଛନ୍ତି ବିଶ୍ୱବାସୀ। ବର୍ତ୍ତମାନ ରବମରଭକ୍ଟକ୍ଲ ରୁ ଜାଣି ହେଉନି ଯେ ପ୍ରୋଫାଇଲ୍ ରେ ଯେଉଁ ଫଟୋ ୟୁଜର୍ ମାନଙ୍କ ଥିଲା ତାହା ଘିବଲି କାର୍ଟୁନ ହେଲାପରେ ଆଉ ଠିକ୍ ସେ ୟୁଜର୍ ମାନଙ୍କୁ ଚିହ୍ନି ବି ହେଉନି। ଓଡିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ନେଇ ମଧ୍ୟ ଘିବଲି ଷ୍ଟାଇଲ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ମହାପ୍ରଭୁ ଜଗନ୍ନାଥଙ୍କ ଅଧରପଣା ନୀତି କୁହନ୍ତୁ କି କଟକ ବାଲିଯାତ୍ରା ପଡିଆ, ୱାଚ ଟାୱାର, ଦଶରା ମେଢ ଓ ଦହିବରାକୁ ନେଇ ଘିବଲି ଷ୍ଟାଇଲରେ ଫଟୋ କରାଯାଇଛି । ଘିବଲି ଟ୍ରେଣ୍ଡ ଏବେ ଏତେ ମାତ୍ରାରେ ଭାଇରାଲ ହେଉଛି ଯେ ସମସ୍ତଙ୍କୁ ଏହି ନିଶା ଘାରିଛି । ସମସ୍ତେ ଘିବଲି ଷ୍ଟାଇଲରେ ଫଟୋ କନଭର୍ଟ କରି ପୋଷ୍ଟ କରୁଛନ୍ତି । ତେବେ ଏହାର ବ୍ୟବହାର ନେଇ କେତେକ ପ୍ରଶ୍ନ ଓ ଆଶଙ୍କା ମନରେ ଉଠୁଛି । ଏହା ଭବିଷ୍ୟତରେ ବ୍ୟବହାରକାରୀଙ୍କ ପାଇଁ ଅସୁବିଧାର ବାଟ ଖୋଲିବ ନାହିଁ ତ ଯାହା ଆମ ପାଇଁ ସମସ୍ୟା ମଧ୍ୟ ହୋଇପାରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୯୯୩୮୯୦୬୦୭୦

# ' ରାମ ନବମୀ ଶ୍ରୀରାମଚରିତ କଥାମୃତ ତଥା ରାମତତ୍ତ୍ୱ '

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ରାମାୟଣ ମାନବବାଦ ଓ ସମାଜନୀତିର ମୂଳଭିତ୍ତି । ରାମାୟଣ ରେ ସମାଜକୁ ଯେତିକି ଗୁରୁତ୍ୱ ଦିଆଯାଇଛି , ବ୍ୟକ୍ତି ଜୀବନକୁ ସେତିକି ସମ୍ମାନ ଦିଆଯାଇଛି , କାରଣ ବ୍ୟକ୍ତିକୁ ନେଇ ସମାଜ । ସମାଜର ଚେତନା ବ୍ୟକ୍ତି ଜୀବନର ସାମୁହିକ ଚେତନା। ରାମାୟଣ ଆମ ସମାଜର ମହାନ୍ ସମାଜଧର୍ମୀ ଆଦି ମହାକାବ୍ୟ ଓ ସମାଜନୀତିର କାଳୋତ୍ତୀର୍ଣ୍ଣ ସୃଷ୍ଟି । ରାମାୟଣ ରେ ଆଦର୍ଶ ସମାଜର ଚିତ୍ର ଦିଆଯାଇଅଛି । ଶ୍ରୀରାମଚରିତ କଥାମୃତ ଆଜିର କଳିଯୁଗରେ ଏକ ମହୌଷଧି । ରାମାୟଣ ରେ ପ୍ରଭୁ ରାମଚନ୍ଦ୍ର ଏକ ଐତିହାସିକ ବ୍ୟକ୍ତି ନୁହନ୍ତି , ସେ ଜଣେ ଯୁଗପୁରୁଷ ତଥା ସତ୍ୟ ଓ ନ୍ୟାୟର ମୂର୍ତ୍ତୀମନ୍ତ ପ୍ରତୀକ । ରାମାୟଣ କୁ ନିରପେକ୍ଷ ଭାବେ ବିଚାର କଲେ ଧର୍ମ ଏ କାବ୍ୟର ଗୌଣ ଉପାଦାନ । ରାମାୟଣ ଏପରି ଏକ କାହାଣୀ ଯେ , ପୁତ୍ର ବତ୍ସଳ ପାଇଁ ରାଜା ପ୍ରାଣତ୍ୟାଗ କରିଥିଲେ । ରାମାୟଣ ଏପରି ଏକ କାହାଣୀ , ଯେଉଁଥିରେ ସତ୍ୟ ଓ ନ୍ୟାୟ ପାଇଁ ବାପାଙ୍କ ଆଦେଶରେ ସର୍ବସ୍ୱ ତ୍ୟାଗ କରି ସ୍ତ୍ରୀ ଓ ଭାଇ ସହିତ ବନ ଗମନ କରିଥିଲେ । ଏହା ଏପରି ଏକ କାହାଣୀ ଯେ ନବ ବିବାହିତ ସ୍ତ୍ରୀ ଛାଡି ଭାଇ ସାଥିରେ ଭାଇ ଓ ସ୍ୱାମୀ ସହିତ ସ୍ତ୍ରୀ ହସି ହସି ବନକୁ ଯାଇଥିଲେ । ଏହା ଏପରି ଏକ ଭ୍ରାତୃ ବତ୍ସଳ କାହାଣୀ ଯେ ଭାଇ ପାଇଁ ରାଜ ମୁକୁଟ ମୋହକୁ ଏଡାଇ ବଡଭାଇ ପାଦୁକାକୁ ଚଉଦ ବର୍ଷ ପୂଜା କରି ଭାଇଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଚଳାଇଥିଲେ । ଏହା ଏପରି ଏକ କାହାଣୀ ଯେ ଧର୍ମ ପାଇଁ ପକ୍ଷୀଟିଏ ଲଢେଇ କରି ପ୍ରାଣ ବିସର୍ଜନ କଲା । ଏହା ଏପରି ଏକ କାହାଣୀ ଯେ ଜାତିର ପାଚେରୀ ଭାଂଗିବା ଉଦ୍ଦେଶ୍ୟରେ ରାମଚନ୍ଦ୍ର ସବରୀ ଅଇଁଠା ଭକ୍ଷଣ କରିଥିଲେ । ଏପରି ଏକ କାହାଣୀ ଯେ ବଣର ପଶୁ ମାନେ ପ୍ରଭୁଙ୍କ ସହିତ ମିତ୍ର ଭାବ ରଖିଥିଲେ । ଏହା ଏପରି ଏକ କାହାଣୀ ଯେ ସତ୍ୟ ଓ ନ୍ୟାୟ ପାଇଁ ବିଭୀଷଣ ଶ୍ରୀରାମଙ୍କ ଶରଣ ନେଇଥିଲେ । ଏହା ଏପରି ଏକ କାହାଣୀ ଯେ ଖଳ ଚରିତ୍ର ରାବଣ ସୀତାଙ୍କୁ ଚୋରି କରିନେଇ ଅଶୋକ ବନରେ ନାରୀଙ୍କ ଗହଣରେ ସମ୍ମାନ ସହ ରଖିଥିଲେ । ଏହା ଏପରି ଏକ କାହାଣୀ ଯେ ମୃତ୍ୟୁ ସମୟରେ ପରମ ବେଦଜ୍ଞ , ଆତ୍ମଦର୍ଶୀ ଓ ପରମ ଜ୍ଞାନୀ ରାବଣ ବୁଝିଛି ଯେ ସେ ପିତା ମହର୍ଷି ବିଶ୍ରବା , ପତ୍ନୀ ସ୍ୱାଧ୍ୱୀ ମନ୍ଦୋଦରୀ ଓ ଆଦର୍ଶ ଭାଇ ବିଭୀଷଣର କଥା ନ ଶୁଣିବାରୁ ଶେଷରେ ସବଂଶେ ସ୍ୱର୍ଣ୍ଣପୁରୀ ଲଙ୍କାର ବିନାଶ ହେଲା । ଏହା ଏପରି ଏକ କାହାଣୀ ଯେ ନିଜ ରାଜ୍ୟର ପ୍ରଜାଙ୍କ ଖୁସି ପାଇଁ ନିଜ ସ୍ତ୍ରୀ କୁ ତ୍ୟାଗ କରିଥିଲେ । ଏହାଛଡା ଅହଲ୍ୟା ଉଦ୍ଧାର କରିଛନ୍ତି ଓ ନାବିକକୁ ପଦ ବଢାଇ ଭାବଗ୍ରାହୀ ବୋଲାଇଛନ୍ତି । ବୈଦେହୀ ଅପହରଣ ବେଳେ ପ୍ରଭୁ ଶୋକାଭିଭୂତ ଓ ବିବ୍ରତ ହୋଇ ସମ୍ପୂର୍ଣ୍ଣ ମାନବ ଚରିତ୍ର ର ପ୍ରମାଣ ମଧ୍ୟ ଦେଇଛନ୍ତି । ଆହୁରି ଅନେକ ମାନବବାଦୀ ଆଦର୍ଶର କଥା ରାମାୟଣ ରେ ଭରି ରହିଛି । ରାମଚନ୍ଦ୍ର ହେଉଛନ୍ତି ସ୍ନେହ , ପ୍ରେମ , କରୁଣା ଓ ସତ୍ୟର ଜ୍ୱଳନ୍ତ ଉଦାହରଣ । ରାମଙ୍କ ମହାନ ନୀତି ଓ ଆଦର୍ଶ ଥିଲା...

' ରଘୁକୁଲ ରୀତି ସଦା ଚଲି ଆଇ ।
ପ୍ରାନ ଜାହୁଁ ପରୁ ବଚନୁ ନ ଜାଇ '

ଚୈତ୍ର ଶୁକ୍ଳ ନବମୀ ରାମ ନବମୀ ରୂପେ ପରିଚିତ । ଏହି ଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ । ତ୍ରେତୟା ଯୁଗରେ ଅଯୋଧ୍ୟାର ରାଜା ଥିଲେ ଦଶରଥ । ତାଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା । ରାଜାଙ୍କର ବଡଦୁଃଖ ଥିଲା ଯେ ତାଙ୍କର କୌଣସି ସନ୍ତାନ ନ ଥିଲେ ମହାନ ଇକ୍ଷ୍ୱାକୁ କୁଳରେ ଉତ୍ତରାଧିକାରୀ ହେବାକୁ । କୁଳଗୁରୁ ବଶିଷ୍ଠ ପ୍ରାର୍ଥିତ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷିଶୃଙ୍ଗଙ୍କଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରିବାକୁ ଦଶରଥଙ୍କୁ ଉପଦେଶ ଦେଲେ । ରାଜା କୁଳଗୁରୁ ଉପଦେଶ ଅନୁସାରେ ମହାନ୍ ଋଷି ଋଷିଶୃଙ୍ଗଙ୍କୁ ଅଯୋଧ୍ୟାରେ ଯଜ୍ଞ କରିବାକୁ ତାଙ୍କ ଆଶ୍ରମକୁ ଯାଇ ପ୍ରାର୍ଥନା କଲେ । ବଶିଷ୍ଠ ଓ ଋଷିଶୃଙ୍ଗଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ଯଜ୍ଞେଶ୍ୱର ଯଜ୍ଞକୁଣ୍ଡରୁ ଆବିର୍ଭୁତ ହୋଇ ଦଶରଥଙ୍କୁ ଏକ ଚରୁଅନ୍ନପୂର୍ଣ୍ଣ ପାତ୍ର ପ୍ରଦାନ କରି ରାଣୀମାନଙ୍କୁ ସେବନ କରିବାକୁ କହିଲେ । ଦଶରଥ ଅଧା ଚରୁଅନ୍ନ କୌଶଲ୍ୟାଙ୍କୁ ଓ ଅନ୍ୟଅଧା ଭାଗକୁ କୈକେଇଙ୍କୁ ପ୍ରଦାନ କଲେ । କୌଶଲ୍ୟା ଓ କୈକେୟୀ ନିଜନିଜର ଚରୁଅନ୍ନର ଅଧାଭାଗରୁ କନିଷ୍ଠା ରାଣୀ ସୁମିତ୍ରାଙ୍କୁ ସେବନ କରିବାକୁ ଦେଲେ । ଏହାର କିଛିଦିନ ପରେ ତିନିରାଣୀ ଅନ୍ତଃସତ୍ତ୍ୱା ହେଲେ । ପବିତ୍ର ଚୈତ୍ର ନବମୀଦିନ ଦ୍ୱିପ୍ରହରରେ କୌଶଲ୍ୟା ପ୍ରଭୁ ରାମଚନ୍ଦ୍ରଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଯମଜ ସନ୍ତାନ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦେଲେ । ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ ଓ ରାବଣ ଆଦି ରାକ୍ଷାସମାନଙ୍କୁ ସଂହାର କରିବାକୁ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ । ବୟଃପ୍ରାପ୍ତ ହେବାପରେ ପ୍ରଭୁ ରାମଚନ୍ଦ୍ର ମିଥିଳା ନରେଶ ରାଜର୍ଷି ଜନକଙ୍କ ଦୁହିତା ଦେବୀ ସୀତାଙ୍କ ସହିତ ବିବାହ ହୋଇଥିଲା । ବାଲ୍ମିକୀ ରାମାୟଣ ମତେ ମାର୍ଗଶିର ଶୁକ୍ଳପଞ୍ଚମୀ ଦିନ ସେହି ବିବାହ ଅନୁଷ୍ଠିତ ହୋଇଥିଲା । ରାଜସୁଖକୁ ପରିହାର ପୂର୍ବକ ପିତୃସତ୍ୟ ପାଳନ କରି ଚଉଦ ବର୍ଷ ରାମଚନ୍ଦ୍ର ଦେବୀସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ବନବାସ ଯାଇଥିଲେ । ଅରଣ୍ୟରୁ ଅରଣ୍ୟ ଘୂରିବୁଲୁଥିଲେ ଦୁଃଖ ଯନ୍ତ୍ରଣାକୁ ପାଥେୟ କରି । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରିନେଲା । ରାବଣ ଓ ସମସ୍ତ ରାକ୍ଷାସ ମାନଙ୍କୁ ନିଧନ କରି ସୀତାଙ୍କୁ ଉଦ୍ଧାର ବେଳକୁ ଚଉଦ ବର୍ଷର ବନବାସ ପୂରିଯାଇଥିଲା । ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ରାଜସିଂହାସନରେ ଅଭିସିକ୍ତ ହୋଇ ରାଜଧର୍ମ ପାଳନ ଅବସରରେ ପ୍ରଜାକୁଳକୁ ସମ୍ମାନ ଜଣାଇବାକୁ ଯାଇ ଲଙ୍କାରୁ ଉଦ୍ଧାର ସମୟରେ ସୀତା ଅଗ୍ନିପରୀକ୍ଷା ଦେଇଥିଲେ ମଧ୍ୟ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ । ଶ୍ରୀରାମଙ୍କ ତାଙ୍କ ଅବତାରରେ ସଂପୂର୍ଣ୍ଣ ମାନବଜୀବନ ଯାପନ କରିଥିଲେ । ରାମନବମୀ ଉପଲକ୍ଷେ ନଅଦିନ ବ୍ୟାପୀ ଭଜନ କୀର୍ତ୍ତନ, ଅଖଣ୍ଡ ପାଠ ଆଦି ଚାଲେ ବିଶେଷ ଭାବରେ ରାମଚରିତ ମାନସ ପାଠ କରାଯାଏ ।

ଆମ ରାଜ୍ୟରେ ପ୍ରତ୍ୟେକ ଓଷା ବାର ଆମ ଓଡ଼ିଶାର ପରିଚୟ ପ୍ରଭୁ ଜଗନ୍ନାଥଙ୍କ ସହିତ ସବୁବେଳେ ଓତଃପ୍ରୋତ ଭାବେ ଜଡିତ। ଏହି କ୍ରମରେ ଆମ ଜଗନ୍ନାଥ ସଂସ୍କୃତିରେ ତଥା ପବିତ୍ର ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମଙ୍କଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ । ସ୍ୱୟଂ ପ୍ରଭୁ ଶୀଜଗନ୍ନାଥ ମାତା ରୂପରେ ବିଳମ୍ବିତ ରାତ୍ରରେ ଶ୍ରୀରାମଙ୍କୁ ଜନ୍ମଦେବେ, ତେଣୁ ପ୍ରସବ ବେଦନାକୁ ଲାଘବ କରିବା ନିମନ୍ତେ ଅଷ୍ଟମୀ ଦିନ ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କୁ ଯେଉଡ଼ ଭୋଗ କରାଯିବା ସଙ୍ଗେ ସଙ୍ଗେ ଗର୍ଭଉଦକ ଦିଆଯାଏ । ନବମୀ ଦିନ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ । ୨ଜଣ ମହାଜନ ସେବକ ଦଶରଥ ଓ କୌଶଲ୍ୟା ହୋଇ ଜନ୍ମବିଧି ପାଳନ ହୋଇଥାଏ । ଏହି ଗୁପ୍ତନୀତିକୁ କେହି ଯେପରି ଦେଖି ନ ପାରିବେ ସେଥିଲାଗି ଗର୍ଭଗୃହରେ ଥିବା ଜୟବିଜୟ ଦ୍ୱାରକୁ ବନ୍ଦକରାଯାଇଥାଏ । ଶ୍ରୀରାମ ଜନ୍ମ ହେବା ପରେ କର୍ପୁର ଆଳତି ବନ୍ଦାପନା ହୋଇ ମହାସୁଆର ଗଣ୍ଡୁସ ମସଲା, କ୍ଷୀର ମଣୋହି କରାଯାଏ । ଏହା ପରେ ପଣ୍ଡା ଶୀତଳଭୋଗ କରାଇବା ସହ ମହାସୁଆର ଜୟବିଜୟ ଦ୍ୱାରଠାରେ ଚରୁଭାତ ମଣୋହି କରାଇଥାନ୍ତି।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :-
୯୯୩୮୯୦୬୦୭୦

# ଦୁଇ ବର୍ଷ ପୂର୍ବରୁ ଅବଧି ସରିଲାଣି

## ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ : ଲୋକ ସେବାରେ ଲାଗିବ କେବେ ?



ବାଲିଗୁଡା ୬/୪(ନି.ପ୍ର): ପାନୀୟ ଜଳ ଯୋଗାଣ ନିମନ୍ତେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଖରାଦିନରେ ପଇବା ପାଣି ସମସ୍ୟା ଜଟିଳ ହେବାକୁ ଲାଗିଲାଣି । ଖରା ବଢି ଚାଲିଥିବା ବେଳେ ପାଣି ମୁନ୍ଦାଏଁ ପାଇଁ ଉହକ ବିକଳ ହେଉଛନ୍ତି ଗାଁ ଲୋକେ ଓ ଚୁଆଁ ଏବଂ ନାଳ ଉପରେ ଭରସା କରୁଛନ୍ତି ଗ୍ରାମାଂଚଳବାସୀ । ଖରା ହୋଇଗଲେ ଚୁଆଁ ଶୁଖିଯାଉଛି ,ଲୋକେ ମୁନ୍ଦାଏ ପାଣି ପାଇଁ ଚାଲିବାକୁ ପଡୁଛି ମାଇଲ ମାଇଲ ବାଟ । ଏପରି ସ୍ଥିତିରେ ବାଲିଗୁଡା ବ୍ଲକରେ ୧୪ ଟି ପଞ୍ଚାୟତର ୨୪୪ ଟି ଗ୍ରାମ ରହିଛି କିନ୍ତୁ ଅଦ୍ୟାବଧି ଏହି ୨୪୪ ଗ୍ରାମରୁ ମାତ୍ର ୩୬ ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରିଛି । ଏହାକୁ ଦୃଷ୍ଟିଦେଇ ତତ୍କାଳୀନ ନବୀନ ସରକାର ବାଲିଗୁଡା ବ୍ଲକ ନିମନ୍ତେ ୧୦୨ କୋଟି ଟଙ୍କାର ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଘୋଷଣା କରିଥିଲେ । ଏହି ମେଗା ପାନୀୟ ଜଳ ପ୍ରକଳ୍ପଟି ୧ମାର୍ଚ୍ଚ୨୦୨୧ ମସିହାରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାର୍ଯ୍ୟକୁ୧ ମାର୍ଚ୍ଚ ୨୦୨୩ ଦୁଇବର୍ଷ ମଧ୍ୟରେ ସାରିବାକୁ ଧାର୍ଯ୍ୟ କରାଯାଇଥିଲା । ଧାର୍ଯ୍ୟର ଦୁଇବର୍ଷ ପୁରି ଆହୁରି ଏକ ବର୍ଷ ବିତିଯାଇଥିଲେ ସୁଧା ବର୍ତମାନ ପର୍ଯ୍ୟନ୍ତ ଏହି ମେଗା ପ୍ରକଳ୍ପର କାର୍ଯ୍ୟ ସରିନାହିଁ । ପ୍ରାୟ ୬୦ରୁ୭୦ ଶତକଡା କାମ ସରିଛି ବୋଲି ଆଲୋଚନା ହେଉଛି । ଏହି ପାନୀୟ ଜଳ ପ୍ରକଳ୍ପ ହେଲେ ବାଲିଗୁଡା ବ୍ଲକର ୧୪ ପଞ୍ଚାୟତ ରୁ ୧୯୮ଟି ଗାଁ ଓ ବାଲିଗୁଡା ସହରର କିଛି ଅଂଶକୁ ପାନୀୟ ଜଳ ଯୋଗାଣ ହୋଇପାରିବ । କିନ୍ତୁ ଏହି କାର୍ଯ୍ୟ କେବେ ସରିବ ଲୋକଙ୍କ ସେବାରେ କେବେ ଆସିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ସୁଚନା ଯୋଗ୍ୟ ଯେ, ୧୪ ପଞ୍ଚାୟତରେ ୨୪୪ ଗ୍ରାମ ଅଛି ମାତ୍ର ୩୬ ଗୋଟି ଗ୍ରାମକୁ ଜଳ ଯୋଗଣ ହେଉଛି ।୧୪ ପଞ୍ଚାୟତରେ ୨୦ଟି ପାଣିଟାଙ୍କି ରହିଛି ,ସୌର ପ୍ରକଳ୍ପ ୬୪ଟି ରହିଛି ଏବଂ ସମସ୍ତ ପଞ୍ଚାୟତରେ ୧୬୪୭ ଟି ନଳକୂପ ରହିଛି । ବର୍ତମାନ ସୁଦ୍ଧା ୨୦୮ଟି ଗ୍ରାମକୁ ଜଳ ଯୋଗାଣ ହୋଇପାରିନି । ଯେଉଁ ଗ୍ରାମ ଗୁଡିକୁ ଜଳ ଯୋଗାଣ ହୋଇପାରିନି ଓ ଅଧିକାଂଶ ଗ୍ରାମରେ ନଳକୂପ ଥିଲେ ବି ଅଚଳ ହୋଇ ପଡିରହିଛି ସେହି ଗ୍ରାମବାସୀ ମାନେ ପାଣି ପାଇଁ ନଦୀ,ନାଳ ଓ ଚୁଆଁ ଉପରେ ଭରସା କରିଥାନ୍ତି,କ୍ଷ ଏହି ପ୍ରକଳ୍ପ ଶୀଘ୍ର ସାରିବା ସହ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସାଧାରଣରେ ଦାବୀ ହେଉଛି । ଏ ସମ୍ପର୍କରେ ବିଭାଗୀୟ ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ବେହେରା ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସରିବାକୁ ଆସିଲାଣି ଓ ଅତିଶୀଘ୍ର ଏହି ମେଗା ଜଳପ୍ରକଳ୍ପରୁ ଲୋକଙ୍କୁ ପାଣି ଯୋଗଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ତେଣ୍ଡରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରାଇରଙ୍ଗପୁର ୬/୪(ନି.ପ୍ର): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ବଣ ପାହାଡ଼ ଘେରା ତେଣ୍ଡରା ଗ୍ରାପ ଅଧିନସ୍ଥ ତେଣ୍ଡରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଞ୍ଚୁ ହେମ୍ବ୍ରମ ଓ ଏସ୍‌ଏମ୍ସି ଅଧକ୍ଷ କାଳିଚରଣ ସିଂକୁଙ୍କ ଉପସ୍ଥିତିରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉତ୍ସବରେ ମୁଖ୍ୟ ଅତିଥି ଦେଉକୁଣ୍ଡି ସିଆରସିସି ନିରଞ୍ଜନ ଗୋପ,ସମ୍ମାନୀୟ ଅତିଥି ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ହାଁସଦାଃ,ନାୟାରାମ ଟୁଡୁ,ହରିହର ପାତ୍ର,ନିମନ୍ତ୍ରୀତ ଅତିଥି ଓଡ଼ିଶା ରାଜ୍ୟ ୟୁଏସ୍‌ଆଇ ସଂଯୋଜକ ପ୍ରଶ୍ନ ଶତପଥୀ ଯୋଗଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଉତ୍ତମ ଚରିତ୍ରବାନ୍ ହେବା ସହିତ ଭଲ ପାଠ ପଢି ନିଜ ଗାଁ ଓ ଦେଶର ସୁନାମ ଅର୍ଜନ କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ସଫଳତା ଉଦ୍ଦେଶ୍ୟରେ ବକ୍ତବ୍ୟମାନ ରଖିଥିଲେ ।ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନ୍ଦ୍ର ମହାନ୍ତ,ଆକାଶ କୁମାର ଦାସ,ବୁଢ଼ାନମାଝୀ,ମନୋଜ କୁମାର ବାରିକ,ସମସ୍ତ ଏସ୍‌ଏମ୍ସି ସଦସ୍ୟ,ଗାଁ ମୁଖିଆ,ଆଶା ଦିଦି ପ୍ରମୁଖ ସହଯୋଗ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଞ୍ଚୁ ହେମ୍ବ୍ରମ ବାର୍ଷିକ ବିବରଣୀ ପଠନ କରିବା ସହ ଶ୍ରଦ୍ଧେୟ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାର୍ଜନ ଦ୍ଵାରା ସମାଜ ଆଲୋକିତ ହୋଇଥାଏ ଏବଂ ବିଦ୍ୟାର୍ଥୀର ନମ୍ରତା ହେଉଛି ସର୍ବୋତ୍ତମ ଗୁଣ । ଯେଉଁ ବିଦ୍ୟାର୍ଥୀର ନମ୍ରତାର ଅଭାବ ଥାଏ, ତାଙ୍କୁ ସଫଳତା ପାଇବା ପାଇଁ ସଂଘର୍ଷ କରିବାକୁ ପଡିବ । ନମ୍ରତା ହିଁ ଜଣେ ଛାତ୍ର ସମାଜର ସମସ୍ତଙ୍କ ପାଖରେ ପ୍ରିୟ କରିଥାଏ ବୋଲି ଉପସ୍ଥାପନ କରିଥିଲେ ।ବିଭିନ୍ନ ଖେଳକୁଦରେ ଓ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ ।ପ୍ରଧାନ ଶିକ୍ଷକ ବିଞ୍ଚୁ ହେମ୍ବ୍ରମ ଉପସ୍ଥିତ ଅତିଥି ସମେତ ସମସ୍ତଙ୍କୁ ଅପ୍ରମିତ ସାଧୁବାଦ ଜ୍ଞାପନ କରିଥିଲେ ।

## ୨୪୭ ତମ ରଘୁନାଥ ମହାତୋ ସହିଦ ଦିବସ

ପାଟଣା ୬/୪(ନି.ପ୍ର): ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଧାନବେଣୀ କରମ୍ ତୀର୍ଥ ଘାଟ ଠାରେ ଆଜି ସହିଦ ରଘୁନାଥ ମହାତୋ ଙ୍କ ୨୪୭ ତମ ସହିଦ ଦିବସ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ରେ ସହିଦ ରଘୁନାଥ ମହାନ୍ତ ସ୍ମୃତି କମିଟି ସଭାପତି ଗୌରହରି ମହାନ୍ତ ଅଧ୍ୟକ୍ଷତା କରିଥିଲେ ।ଇଂରେଜ ମାନଙ୍କ ବିରୋଧରେ ସତ୍ୟାଗ୍ରହ କରି ନିଜକୁ ବଳିଦାନ ଦେଇଥିବା ସଂଗ୍ରାମୀ ନେତାଙ୍କ ବୀରତ୍ୱ କୁ ମନେ ପକାଇଥିଲେ ।ଏହା ଛଡ଼ା କୁଡ଼ମି ଜାତିକୁ ପୁନର୍ବାର ଏସଟି ତାଲିକା ରେ ସାମିଲ କରିବା, କୁଡ଼ମି ଭାଷା କୁ ମାନ୍ୟତା ଦେବା, କୁଡ଼ମି ଜାତିର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ଦାବି କରିଥିଲେ । କାର୍ଯ୍ୟକ୍ରମ ରେ ଓଡ଼ିଶା କୁଡ଼ମି ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ,କୁଡ଼ମିସେନା ରାଜ୍ୟ ଯୁବ ସମ୍ପାଦକ ବିଶ୍ୱଜିତ୍ ମହାନ୍ତ,ରଘୁନାଥ ମାହାତୋ ସ୍ମୃତି କମିଟି ସମ୍ପାଦକ ସୁକାନ୍ତ ମହାନ୍ତ, ଉପସଭାପତି ମୋନାହର ମହାନ୍ତ, ଆଦିବାସୀ କେନ୍ଦ୍ରୀୟ କମିଟି ସଭ୍ୟ ପ୍ରତାପ ଚନ୍ଦ୍ର ମହାନ୍ତ, ରାଜ୍ୟ ସଭାପତି ଲକ୍ଷ୍ମୀଧର ମହାନ୍ତ, ସହ ସମ୍ପାଦକପ୍ରଭାତ ରଞ୍ଜନ ମହାନ୍ତ, ଉପସଭାପତି ସତ୍ୟନାରାୟଣ ମହାନ୍ତ, ସୁରେଶ ମହାନ୍ତ, ଧରଣୀ ମହାନ୍ତ, ଲଳିତ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ନକୁଳ ଚନ୍ଦ୍ର ମହାନ୍ତ, ବିରାପାନ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ସୋରଜ ମହାନ୍ତ, ଭୂତ୍ ମହାନ୍ତ, ଯଶକେତନ୍ ମହାନ୍ତ,ହୃଷୀକେଶ ମହାନ୍ତ ଙ୍କ ସହିତ ବହୁ ସଂଖ୍ୟାରେ କୁଡ଼ମି ଜାତି ର ବରିଷ୍ଠ ନେତୃ ବୃନ୍ଦ ଉପସ୍ଥିତ ଥିଲେ ।

## ଟ୍ରକ୍ ଧକ୍କାରେ ଦୁଇ ସାଇକେଲ ଆରୋହି ଗୁରୁତର

ପାଟଣା ୬/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ର ରେଙ୍ଗାଳବେଡା ନିକଟରେ ଶନିବାର ମଧ୍ୟାହ୍ନ ରେ ଏକ ଟ୍ରକ ସାଇକେଲ ରେ ଯାଉଥିବା ଦୁଇ ଜଣଙ୍କୁ ଧକ୍କା ଦେବା ଫଳରେ ସାଇକେଲ ର ଦୁଇ ଆରୋହି ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ଉଭୟ ଙ୍କୁ ଉଦ୍ଧାର ପଥକ ର ଫାଟକ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି । ଉଭୟ ଙ୍କ ପରିଚୟ ମିଳି ପାରିନଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ଗାଡି କୁ ତୁରୁମୁଙ୍ଗା ପୁଲିସ ଜବତ କରି ତଦନ୍ତ ଚଳାଇଛି ।

## ରାସ୍ତା ନିର୍ମାଣ ଯୋଗୁ ବଳୀ ପଡୁଛି ଗଛ



କଣାସ ୬/୪(ନି.ପ୍ର): ଦିନକୁ ଦିନ ଗଛ ସଂଖ୍ୟା ହ୍ରାସ ପାଇବା ଯୋଗୁଁ ପାଣି ପାଗରେ ବିରାଟ ପରିବର୍ତ୍ତନ ଘଟୁଛି ।ଫଳରେ ଜୀବ ଜଗତ ଉପରେ କୁପ୍ରଭାବ ପକାଉଛି ।ଗ୍ରୀଷ୍ମ ଋତୁରେ ତାପମାତ୍ରା ହୁ ହୁ ହୋଇ ବଢ଼ିଚାଲିଛି ।ଲୋକମାନଙ୍କ ଜୀବନ ଦୁର୍ବିସହ ହୋଇପଡିଛି ।ଏହାରି ଭିତରେ ରାସ୍ତା କାମ ଆଳରେ ଅନେକ ଗଛ ବଳୀ ପଡୁଛି ।ଖବର ନେବାରେ ଜଣାପଡିଛି ପୁରୀ ଜିଲ୍ଲା କଣାସ ବ୍ଲକ୍ ପଛ ପାଖ ରାସ୍ତା ପଶିଆପଡ଼ା ଦେଇ ନୂଆ ଜଗନ୍ନାଥ ସଡ଼କକୁ ସଂଯୋଗ କରିଛି ।ଏହି ରାସ୍ତା ପ୍ରସ୍ତୁତି କରଣ କରିବା ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଉଛି ।ହେଲେ ବିଡ଼ମ୍ବନାର ବିଷୟ ରାସ୍ତା କଡ଼ରେ ଥିବା ଅନେକ ଛୋଟ ବଡ଼ ଗଛ କଟା ଯାଇ ରାସ୍ତା କାର୍ଯ୍ୟ କରାଯାଉଛି ।ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ଏ ବିଷୟରେ ମତେ ଠିକାଦାର କିଛି ଜଣାଇନାହାନ୍ତି ।ତାଙ୍କ ମନଇଚ୍ଛା ଗଛ କାଟିଛନ୍ତି ।ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ରାସ୍ତା କଡ଼ରେ ବନ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷ ରୋପଣ କରାଯାଉଥିବା ବେଳେ ସେହି ଗଛକୁ ରାସ୍ତା ନିର୍ମାଣ ନାମରେ ଗଛ ଗୁଡ଼ିକୁ ବଳୀ ଦିଆଯାଉଛି ।ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ଗୋମାଂସ କାଟି ଦୁଇ ଗିରଫ: ମାଂସ ଜବତ

ବାଲିଗୁଡା ୬/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅଞ୍ଚଳରେ ଗୋମାଂସ କଟିବା ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ବାଲିଗୁଡା ଥାନା ଅର୍ନ୍ତଗତ ସିତାପଡି ଠାରେ ଗୋମାଂସ କଟାଯାଉଥିବା ଖବର ବାଲିଗୁଡା ବଜରଙ୍ଗଦଳ ପାଇବା ପରେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ସେଠିକାର ପରିସ୍ଥିତି ଅନୁଧ୍ୟାନ କରିବା ସହ ଗୋମାଂସ କଟାଯାଉଥିବା ଦେଖିବା ପରେ ସଙ୍ଗେସଙ୍ଗେ ବାଲିଗୁଡା ଥାନାକୁ ଖବର ଦେଇଥିଲେ କ୍ଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୋ-ମାଂସ କାଟୁଥିବା ତିନି ଜଣଙ୍କୁ ଧରିବାକୁ ଚେଷ୍ଟାକଲା ସମୟରେ ଜଣେ ଚମ୍ପଟ ମାରିଥିଲା କ୍ଷ ସେଠାରୁ ଗୋମାଂସକୁ ଜବତ କରିବା ସହ ଦୁଇଜଣକୁ ଘଟଣା ସ୍ଥଳରୁ ହିଁ ଗିରଫ କରିଥିଲେ କ୍ଷ ଗିରଫ ଦୁଇଜଣ ହେଲେ କାଳିଆ ନାୟକ ଓ ନୋଏଲ ନାୟକ କ୍ଷ କେଶନଂ. ୧୦୫/୨୫ ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଥାନା ଆଇଆଇସି ସମ୍ବିତ ସ୍ୱାଇଁ ସୁଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ,ବର୍ତ୍ତମାନ ଚଳିତ ମାସ ୧ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ବାଲିଗୁଡା ତଥା ଆଖପାଖ ଅଞ୍ଚଳରେ ଦଣ୍ଡନାଚ ଆରମ୍ଭ ହୋଇଥିବା ଯୋଗୁଁ ସମଗ୍ର ଅଞ୍ଚଳରେ ଆମିଷ ଦ୍ରବ୍ୟ ବିକ୍ରି ଓ ସେବନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିବା ବେଳେ ଏହିଭଳି ଗୋମାଂସ କାଟିବା ଘଟଣାକୁ ନେଇ ବିଭିନ୍ନ ମହଲ ରୁ ଘୋର ନିନ୍ଦା କରାଯାଇଛି ।

## କ. ନୂଆଗାଁ : ଅଷ୍ଟଶମ୍ଭୁ ମହାମିଳନ ୮ରେ

ବାଲିଗୁଡା ୬/୪(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅର୍ନ୍ତଗତ କ.ନୂଆଗାଁ ପଞ୍ଚୁଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୮ ତାରିଖ ମଙ୍ଗଳବାର ଦିନ ଅଷ୍ଟଶମ୍ଭୁ ମହା ମିଳନ କାର୍ଯ୍ୟକ୍ରମ ହେବା ପାଇଁ କମିଟି ତରଫରୁ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଲିଗାଡା, ଲେତିଙ୍ଗିଆ, ଗୋଛାପଡା, କିଲୁପଡା,କରନ୍ଦାଗଡ଼ ,ନୂଆପଡ଼ା, ଶ୍ରୀପଲ୍ଲୀ ଓ କାଳିପଙ୍ଗା ଗ୍ରାମର ଦଣ୍ଡ ଥଳ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଶମ୍ଭୁ ମିଳନ ସମାରୋହ କରାଯିବା ପାଇଁ ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ପଞ୍ଚୁଦଣ୍ଡ ପରିଚାଳନା କମିଟିର ସଭାପତି ରଜନୀ କାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି କାର୍ତ୍ତିକ ପ୍ରଧାନ, ସଂପାଦକ କାଳୀ ପ୍ରସାଦ ତ୍ରିପାଠୀ, ସହ ସମ୍ପାଦକ ଆଲୋକ କୁମାର ଦୋରା, କୋଷାଧ୍ୟକ୍ଷ ଶୁଶିଲ କୁମାର ପାତ୍ର, ସୁକାନ୍ତ କୁମାର ମହାପାତ୍ର, ଚିତ୍ତ ରଂଜନ ପାତ୍ର, ଶରତ କୁମାର ବିଶିମାଝି,ଭଗବତ ସାହୁ, ବୁଲୁ ସାହୁ, ଚନ୍ଦନ ପଣ୍ଡା, ଭାଗିରଥି ନାଥ, ସାରୁ ବିଶି ମାଝି, ରାଜା ପଣ୍ଡା, ମୁନା ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଛନ୍ତି ।

## ଶିକ୍ଷା ସଚେତନତା ରଥ ଉଦଯାପିତ

କଣାସ ୬/୪(ନି.ପ୍ର): ରାଜ୍ୟରେ ନୂତନ ଶିକ୍ଷା ନୀତି ୨୦୨୦ ଲାଗୁ ହୋଇଥିବା ବେଳେ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ।ସେଥିପାଇଁ ପାଞ୍ଚ ବର୍ଷରୁ ଅଧିକ ପିଲାମାନେ ଶିଶୁ ବାଟିକାରେ ନାମ ଲେଖାଇବେ ଓ ଛଅ ବର୍ଷରୁ ଅଧିକ ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ନିୟମ ଲାଗୁ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଏପ୍ରିଲ୍ ୦୨ ତାରିଖ ଠାରୁ ପ୍ରବେଶ ଉତ୍ସବ ବା ଖଡ଼ି ଛୁଆଁ ଦିବସ ପାଳନ କରାଯାଉଛି ।ସେଥିପାଇଁ ଛାତ୍ର ଛାତ୍ରୀ ପାଠ ପଢ଼ିବା ପାଇଁ ଆଗ୍ରହରେ ସ୍କୁଲ୍ ଆସିବେ ଓ ଅଭିଭାବକ ମାନେ ତତ୍ପରତା ନେଇ କଣାସ ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗତ ୦୨ ତାରିଖ ଠାରୁ ଶିକ୍ଷା ସଚେତନତା ରଥ ସିରେଇ ଠାରୁ ବାହାରି ୨୮ପଞ୍ଚାୟତର ସମସ୍ତ ଗାଁକୁ ଯାଇ ସଚେତନତା କରିଥିବା ବେଳେ ଆଜି ଗଡ଼ଖାରଦ ଚନ୍ଦ୍ରମାପାଟପୁର ବିଦ୍ୟାଳୟ ଠାରେ ପହଞ୍ଚି ଉଦଯାପିତ ହୋଇଥିଲା ।

## ଗ୍ରାହକଙ୍କୁ ଲୁଟୁଛନ୍ତି ନକଲିବ୍ରାଣ୍ଡ ପାଣି ଓ କୋଲଡ଼୍ରିଙ୍କ ପ୍ରସ୍ତୁତକାରୀ ବ୍ୟବସାୟୀ : ଚଢ଼ାଉ କେବେ ?

ବାଲିଗୁଡା ୬/୪(ନି.ପ୍ର): ଓଡିଶାର ସର୍ବବୃହତ ଉପଖଣ୍ଡ ରୂପେ ପରିଚିତ ବାଲିଗୁଡା ଉପଖଣ୍ଡ ଗତ ୨ ଦଶନ୍ଧି ଧରି ଉଭୟ ରାଜନୈତିକ ଓ ଉନ୍ନୟନ କ୍ଷେତ୍ରରେ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି । ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଭୌଗୋଳିକ କଳେବର ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବି ଆଶାତୀତ ଭାବେ ବୃଦ୍ଧି ପାଇଛି । ଏନଏସି ସହ ବିଭିନ୍ନ ଗ୍ରାମାଞ୍ଚଳରୁ ଦୈନନ୍ଦିନ ଶହ ଶହ ଲୋକଙ୍କ ସହରକୁ ଆତଯାତ ଲାଗି ରହିଛି । ପନିପରିବା ଠାରୁ ଆରମ୍ଭ କରି ବିଭିନ୍ନ ଦ୍ରବ୍ୟ ପଦାର୍ଥ କ୍ରୟ ବିକ୍ରୟ ସକାଶେ ସକାଳୁ ରାତ୍ରୀ ଯାଏଁ ଗହଳ ଚହଳ ଲାଗି ରହୁଛି । ଏସବୁ ସତ୍ତ୍ୱେ ଔଷଧପତ୍ର, ଖାଦ୍ୟ ପଦାର୍ଥ ଓ ବିଶୁଦ୍ଧ ପାନୀୟ ଜଳ ଆଦି ଅତ୍ୟାବଶ୍ୟକ ସେବାରେ ଅନ୍ତର୍ଭୁକ୍ତ ଥିବା ବେଳେ ଏବେ ନକଲି ବ୍ରାଣ୍ଡର ପାଣି ଓ କୋଲଡ଼୍ରିଙ୍କ ବ୍ୟବସାୟ କିଛି ମୁନାଫାଖୋର ବ୍ୟବସାୟୀଙ୍କ ପାଇଁ ଏବେ ପୁଷମାସ ପାଲଟିଛି । ତାଡି ବଢୁଛି ତା ସହିତ ଦିନକୁ ଦିନ ବିକ୍ରି ହେଉଛି ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରିର ଅବାଧ କାରବାର । ସହରର ମୁଖ୍ୟ ରାସ୍ତାକଡ଼ ସମେତ ବିଭିନ୍ନ ଗଳି କନ୍ଦିରେ ଥିବା ଚା, ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟ ଫୁଡ଼ ଦୋକାନ ଓ ମୃଦୁ ପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି, କୋଲଡ଼୍ରିଙ୍କ ବୋତଲ ଖୁଲମଖୁଲା ଉପଲବ୍ଧ ହେଉଛି । ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ସହ ନିଷିଦ୍ଧ ହୋଇଥିବା ପାଣି ପାଉଚ ମଧ୍ୟ ସୁବିଧା ଓ ସହଜରେ ହାତ ପାହାନ୍ତାରେ



ଉପଲବ୍ଧ ହେଉଛି । କିନ୍ତୁ ଏସବୁ ପାଣି ବୋତଲ ଯେ ଅସଲି କିମ୍ବା ନକଲି ତାର ଗୁଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୫/୧୦/୨୦ ଟଙ୍କା ବଢ଼ାଇଲେ ମିଳିଯାଉଛି ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ । ଢୋକ ଢୋକ ପିଇ ଆତ୍ମ ସନ୍ତୋଷ ହେଉଥିବା ଗ୍ରାହକଙ୍କ ଲାଗି ଏହା ଅଭ୍ୟାସରେ ପରିଣତ ହୋଇଛି । ବାଲିଗୁଡା ଥାନା ଅଞ୍ଚଳରେ କିଛି ହାତ ଗଣତି ପାଣି ଓ କୋଲଡ଼୍ରିଙ୍କ ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି ଗ୍ରାହକ ଲାଗି ସଚେତନ ଓ ସତର୍କତା ପୂର୍ବକ ବିଶୁଦ୍ଧ ଓ ଗୁଣବତ୍ତା ପାଣି ପ୍ରସ୍ତୁତ କରୁଥିବା ବେଆଇନ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ଓ କୋଲଡ଼୍ରିଙ୍କ ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକି ଥିବା ଜଣାପଡିଛି । ସ୍ଥାନୀୟ ସହର ସମେତ ଆଖପାଖ ଅଞ୍ଚଳରେ ଏଭଳି ଅସାଧୁ କାରବାରର ଚେର ଲମ୍ବିଥିବା ବେଳେ ତୃଷାର୍ତ୍ତ ଗ୍ରାହକ ସିଧାସଳଖ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ ଭାବେ ଦୈନିକ ହଜାର ହଜାର ଲିଟର ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ହେଉଥିବା ବେଳେ ପ୍ରଶାସନର ତଳିଆ କର୍ମଚାରୀ ଠାରୁ ଆରମ୍ଭ କରି ଉପର ହାକିମ ଯାଏଁ ସବୁ ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଚର୍ଚ୍ଚା ହେଉଛି । ଏଣେ ପ୍ରଶାସନର ନିଷ୍କ୍ରିୟତାର ଆଢୁଆଳରେ ରହି ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନ କାନୁନକୁ ଦଳି ମକଚି ସିଧାସଳଖ ଗ୍ରାହକଙ୍କ ଉପରେ ଶୋଷଣ ନୀତି ଆପଣେଇଥିବା ଜଣାପଡ଼ିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ଟିକସ ଫାଙ୍କି ଦୈନିକ ହଜାର ହଜାର ଟଙ୍କାର କଳା ବ୍ୟବସାୟର କାୟା ବିସ୍ତାର କରୁଥିବା ବେଳେ ଅସାଧୁଙ୍କ ଅଘୋଷିତ ଓ ଗୁପ୍ତ ବୁଝାମଣା ଯୋଗୁଁ ନକଲି ବ୍ରାଣ୍ଡ ଏବେ ଅସଲି ବ୍ରାଣ୍ଡ ବିଶୁଦ୍ଧ ପାଣି ବୋତଲ ରୂପେ ସବୁଠାରେ ପରିଚୟ ସୃଷ୍ଟି କରିଛି । ସାଧାରଣ ଲୋକଙ୍କ ହିତ ସାଧନ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ଉଠିଛି ।

## ରୁଙ୍ଗରୁଙ୍ଗବା ଗ୍ରାମରେ ଜଳ ସଙ୍କଟ

### ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ



ଗୁଣପୁର ୬/୪(ନି.ପ୍ର): ଗ୍ରୀଷ୍ମ ଆରମ୍ଭରୁ ଉପାନ୍ତ ଅଞ୍ଚଳରେ ଦେଖିବାକୁ ମିଳିଛି ଜଳ ସଙ୍କଟ । ଏପରି ଏକ ଗ୍ରାମ ହେଉଛି ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତର ରୁଙ୍ଗରୁଙ୍ଗବା । ସରକାରଙ୍କ ମାଳମାଳ ଯୋଜନା ଯେପରି ଏ ଅଞ୍ଚଳରେ ବାଟବଣା ହୋଇଯାଇଛି । ଏହି ଗ୍ରାମରେ ନା ଅଛି ନଳକୂପ , ନା ଅଛି କୂଅ , ନା ଅଛି ସୋଲାର ନଳକୂପ । ବର୍ଷସାରା ରୁଙ୍ଗରୁଙ୍ଗବା ଗ୍ରାମବାସୀଙ୍କ ଏକ ମାତ୍ର ଭରସା ପାହାଡି ଚୁଆ ପାଣି । ଯେଉଁଠି ଗାଇଗୋରୁ ଓ ମଣିଷ ଏକାଠି ପାଣି ପିଅନ୍ତି । ରୁଙ୍ଗରୁଙ୍ଗବା ଗ୍ରାମରେ ବାସ କରନ୍ତି ୪୫ ପରିବାରର ୨୭୦ ରୁ ଉର୍ଦ୍ଧ ଲୋକ । ପୂର୍ବ ବର୍ଷ କମ୍ ବର୍ଷା ଯୋଗୁଁ ବର୍ତ୍ତମାନ ଠାରୁ ପାହାଡି ଚୁଆ ଶୁଖି ଆସିଲାଣି । ବାରମ୍ବାର ପ୍ରଶାସନ ଓ ନେତା ମନ୍ତ୍ରୀ ଙ୍କୁ ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗ୍ରାମଠାରୁ ଦୀର୍ଘ ଏକ କିଲୋମିଟର ଦୂରରେ ଥିବା ପାହାଡିଆ ଜଳ ଉତ୍ସର ପାଣିକୁ ଏକାଠି କରି ପାଇପ୍ ଯୋଗେ ଗ୍ରାମ ନିକଟକୁ ଆଣି ବ୍ୟବହାର କରୁଥିଲେ କିନ୍ତୁ ବର୍ତ୍ତମାନ ତାହା ଶୁଖିବାକୁ ବସିଲାଣି । ଆଗକୁ ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପରେ ବିନା ପିଇବା ପାଣିରେ ଗ୍ରାମବାସୀ କିପରି ଚଳନ୍ତି ଏବେଠାରୁ ଭାଳେଣୀ ପଡ଼ିଲାଣି । ବାରମ୍ବାର ଅଭିଯୋଗ ପରେ ଦୀର୍ଘ ୫ ବର୍ଷ ତଳେ ପ୍ରଶାସନ ତରଫରୁ ଏକ ସୋଲାର ନଳକୂପର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ବର୍ଷକ ପରେ ମଟର ଟି ବ୍ୱାର ଗର୍ତ୍ତ ଭିତରେ ଛିଡି ପଡ଼ିଥିବାରୁ ଦୀର୍ଘ ୪ ବର୍ଷ ହେଲା ତାହା ଅଚଳ ହୋଇ ପଡିଛି । ତେଣୁ ପ୍ରଶାସନ ତୁରନ୍ତ ରୁଙ୍ଗରୁଙ୍ଗବା ଗ୍ରାମରେ ପିଇବା ପାଣିର ବ୍ୟବସ୍ଥା ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି । ତେବେ ପ୍ରଶାସନ ରୁଙ୍ଗରୁଙ୍ଗବା ଗ୍ରାମବାସୀଙ୍କ ଜଳସଙ୍କଟର ସମାଧାନ କେବେ କରୁଛି ଦେଖିବାକୁ ବାକି ରହିଲା ।

## କେନ୍ଦୁଝର ଜିଲ୍ଲା ଯାଦବ ମହାସଭା ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ



ପାଟଣା ୬/୪(ନି.ପ୍ର): କେନ୍ଦୁଝର ଜିଲ୍ଲା ଯାଦବ ଭବନରେ ଜିଲ୍ଲା ଯାଦବ ମହାସଭାର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ବରିଷ୍ଠ ଯାଦବ ତଥା ଉପଦେଷ୍ଟା କ୍ଷେତ୍ରବାସୀ ମହାକୁଡ଼ ସେମାନଙ୍କ ପଦ ଓ ଗୋପାନୀୟତାର ଶପଥ ପାଠ କରାଇଛନ୍ତି । ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ତଥା ମହାସଭାର ପ୍ରଥମ ସଭାପତି ରାହାସ ବିହାରୀ ବାରିକ , ପ୍ରଥମ ଉପସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ,ପ୍ରଥମ ସାଧାରଣ ସମ୍ପାଦକ କ୍ଷେତବାସୀ ମହାକୁଡ଼ , ପୂର୍ବତନ ସଭାପତି ବିଭୁତି ଭୂଷଣ ପ୍ରଧାନ , ମିତ୍ରଭାନୁ ମହାକୁଡ଼, ପୂର୍ବତନ ଉପସଭାପତି ପୁରୁଷୋତ୍ତମ ଦାସ ଓ ହରିହର ବେହେରା ଉପଦେଷ୍ଟା ରୂପେ ଏବଂ ପ୍ରଦୀପ କୁମାର ବାରିକ ସଭାପତି , ସଂଜ୍ୟ ପଲେଇ କାର୍ଯ୍ୟକାରୀ ସଭାପତି, ବିଶ୍ୱନାଥ ବାରିକ, ଅମର ସିଂ, ତ୍ରିଲୋଚନ ପଲେଇ, ପ୍ରଫୁଲ୍ଲ କୁମାର ପ୍ରଧାନ, ହରେକୃଷ୍ଣ ପଲେଇ, ବିଜୟ କୁମାର ଦାସ ସୋମନାଥ ଦାସ ଉପସଭାପତି, ପୂର୍ଣ୍ଣଚନ୍ଦ୍ର ନାୟକ ସାଧାରଣ ସମ୍ପାଦକ, ଅକ୍ଷୟ କୁମାର ଦାସ ସହକାରୀ ସମ୍ପାଦକ ,କାର୍ତ୍ତିକ ଦାସ କାର୍ଯ୍ୟାଳୟ ସମ୍ପାଦକ ଓ ରାଜେନ୍ଦ୍ର ମହାକୁଡ଼ କୋଷାଧ୍ୟକ୍ଷ ରୂପେ ଶପଥ ଗ୍ରହଣ କରିଥିଲେ । ଏତଦବ୍ୟତୀତ ଜିତେନ୍ଦ୍ର ବେହେରା, ରାଜକିଶୋର ବାରିକ, ଶ୍ରୀମତୀ ଜେମା ମହାକୁଡ଼, ଶଶୀଭୂଷଣ ଦାସ, ରାମଚନ୍ଦ୍ର ପଲେଇ ,ଶିରିଷ ଚନ୍ଦ୍ର ଗିରି, କୁଞ୍ଜବିହାରି ପ୍ରଧାନ, ମନ୍ମଥ ଘଣା, ଟୁଟୁ ଗିରି,ରମାକାନ୍ତ ପ୍ରଧାନ, ପବିତ୍ର ପଲେଇ ଆଦି ୧୬ ଜଣ ବିଭିନ୍ନ ବ୍ଲକ ଓ ପୋ ?ରାଞ୍ଚଳ ସଂଗଠନ ସମ୍ପାଦକ ରୂପେ ଶପଥ ଗ୍ରହଣ କରିଥିବା ବେଳେ ପ୍ରଶାନ୍ତ କୁମାର ପଲେଇ ଯୁବମୋର୍ଚ୍ଚା ସଭାପତି , ସିପୁନ ଦାସ ଓ ହେମରଞ୍ଜନ ବାରିକ କାର୍ଯ୍ୟକାରୀ ସଭାପତି, ରୁଦ୍ର ପ୍ରତାପ ବେହେରା ସମ୍ପାଦକ, ଭବାନୀ ପ୍ରସାଦ ରାଉତ ସହକାରୀ ସମ୍ପାଦକ ଏବଂ ସୁରୁଚୀ ଘଣା ମହିଳା ମୋର୍ଚ୍ଚା ସଭାନେତ୍ରୀ,ମମତା ସିଂ କାର୍ଯ୍ୟକାରୀ ସଭାନେତ୍ରୀ, ମିନା ବେହେରା ଓ ସତ୍ୟଭାମା ପ୍ରଧାନ ସମ୍ପାଦକ ରୂପେ ଶପଥ ଗ୍ରହଣ କରିଥିଲେ । ଯାଦବ ସମାଜର ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ଯାଦବ ସଂସ୍କୃତି ବିଭାଗ ଗଠନ କରାଯାଇ ଦଶରଥ ବାରିକଙ୍କୁ ଜିଲ୍ଲା ସଂଯୋଜକ ନିର୍ମଳ ଚନ୍ଦ୍ର ବାରିକଙ୍କୁ ସଭାପତି ,ମାର୍କଣ୍ଡ ଗିରି ଉପସଭାପତି ଓ ସୁଶାନ୍ତ କୁମାର ବାରିକ ରଞ୍ଜନ କୁମାର ବାରିକ ଓ ପ୍ରମୋଦ କୁମାର ବେହେରାଙ୍କୁ ସମ୍ପାଦକ ରୂପେ ଶପଥ ପାଠ କରାଇ ଦାୟିତ୍ୱ ଅର୍ପଣ କରାଗଲା ।

## ୩୦ ବର୍ଷ ପରେ ବି.କରଡ଼ାବାଡ଼ିରେ ପଞ୍ଚୁଦଣ୍ଡ ମହାମିଳନ

ବୁଗୁଡ଼ା ୬/୪(ନି.ପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମରେ ଦିର୍ଘ ୩୦ ବର୍ଷର ବ୍ୟବଧାନରେ ଏପ୍ରିଲ ୫ ତାରିଖ ଦିନ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାବସର , ପାଣିକେଶର , କୁମ୍ଭାପଡା , ଛାମୁଣ୍ଡା , ମରାଇପଲ୍ଲୀ ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ । ଏହି ମହାମିଳନ କାଳରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବା ବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା । ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ପ୍ରଥମେ ସକାଳ ସମୟରେ ସମସ୍ତ ଦଳକୁ ପାଛୋଟି ନିଆଯାଇଥିଲା ।ପଞ୍ଚୁଦଣ୍ଡ ଯାତ୍ରା ଦଳର ସାମୂହିକ ଗ୍ରାମ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ଦୃଶ୍ୟମାନ ହେବା ସହ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏଥି ସହ ପଞ୍ଚ ଦଣ୍ଡଦଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସଂନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ରାତିରେ ପଞ୍ଚ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପ୍ରସାଦର ବ୍ୟବସ୍ଥା ଗ୍ରାମର ଦଣ୍ଡ କମିଟି ପକ୍ଷରୁ ଆୟୋଜନ କରାଯାଇଛି । ସଭାପତି ଗୋପାଳ ଚନ୍ଦ୍ର ନିୟକ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି କେ ସତ୍ୟନାରାୟଣ ଆଚାରୀ, ଜିତେନ୍ଦ୍ର ନାୟକ, ମିତେନ୍ଦ୍ର ନାୟକ, ସୁନୀଲ ନାୟକ, ଚିତ୍ତରଞ୍ଜନ ନାୟକ ସମେତ ଗ୍ରାମବାସୀ ଓ ଯୁବକ ସଂଘ ଏବଂ ବୁଗୁଡ଼ା ପୋଲିସ ଶାନ୍ତି ଶୃଙ୍ଖଳା ପାଇଁ ସହଯୋଗ କରିଥିଲେ ।



## ଗ୍ରାମୀଣ ମହୋତ୍ସବ ରେ ତୃତୀୟ ଦିବସ ରେ ଯୋଗ ଦେଲେ ସାଧୁସନ୍ଥ , ସାହିତ୍ୟିକ ଏବଂ ଚିକିତ୍ସକ

ନିଆଳି ୬/୪(ନି.ପ୍ର): ନିଆଳୀ ତଥା ଓଡ଼ିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଗ୍ରାମୀଣ ମହୋତ୍ସବ ରେ ଉଦଘାଟକ ମୁଖ୍ୟ ଅତିଥି ଭାବେ ନାଇଜର କୂଳ ସଚିବ ପ୍ରଫେସର ଡ଼ ଅଭୟ କୁମାର ନାୟକ, ମୁଖ୍ୟ ବକ୍ତା ରୂପେ ଏସ ଭି ନିରତାର ର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି, ସମ୍ମାନିତ ଅତିଥି ରୂପେ ଓଡିଶା ଯୁଗ୍ମ ଶାସନ ସଚିବ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ, ସୁସାହିତ୍ୟିକ ଉମାକାନ୍ତ ନାୟକ, ସୁସାହିତ୍ୟିକ ପୂର୍ଣ୍ଣ ମଲ୍ଲିକ, ପ୍ରମୁଖ ଯୋଗ ଦେଇଥିବା ବେଳେ ଅନୁଷ୍ଠାନ ର ବରିଷ୍ଠ ଉପଦେଷ୍ଟା ତଥା ଏଡ଼ ଇଣ୍ଡିଆ ଓଡିଶା ଶାଖା ର ମୁଖ୍ୟ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ସ୍ୱାମୀ ଚେତନା ନନ୍ଦ ସରସ୍ୱତୀ ଙ୍କ ସ୍ମୃତି ଉଦେଶ୍ୟରେ ରେ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ ଅବଧୂତ ବାବା ଆଦିତ୍ୟ ଚରଣ ଦାଶ ମହାରାଜ, ବାବା ପର୍ଶୁରାମ ଦାଶ ମହାରାଜ, ବାବା ମହନ୍ତ ରାଧାଚରଣ ଦାଶ ମହାରାଜ, ପଣ୍ଡିତ ଅମୁଲ୍ୟ କୁମାର ମିଶ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ଙ୍କୁ ସମ୍ମାନିତ କରାଯାଇଥିଲା ସେଇପରି ମୁଖ୍ୟ ଅତିଥି ପ୍ରଫେସର ଡ଼ ନାୟକ, ଡ଼ ସାମନ୍ତରାୟ ଶ୍ରୀ ମଲ୍ଲିକ, ଶ୍ରୀ ନାୟକ ଙ୍କୁ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ମୁଖ୍ୟ ବକ୍ତା ପ୍ରଫେସର ଡ଼ ମହାନ୍ତି ଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନନୁଗୋ ଶିକ୍ଷା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଏହି ମଞ୍ଚ ରେ ଅନୁଷ୍ଠାନ ର ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସଭାପତି ପ୍ରସନ୍ନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ମଣିଷ ଜୀବନ ରେ ଜ୍ଞାନ ପ୍ରାପ୍ତି ପାଇଁ ସବୁବେଳେ ପ୍ରୟାସ କରିବା ଦରକାର, ସେଇପରି ଗାନ୍ଧୀ ଦର୍ଶନ ବିନା ବିଶ୍ୱ ରେ ଶାନ୍ତି ବଜାଇ ରହି ପାରିବ ନାହିଁ ତେଣୁ ସମସ୍ତେ ଗାନ୍ଧୀ ବିଚାର କୁ ଅନୁସରଣ କରିବା ଦରକାର ବୋଲି ଅନୁଷ୍ଠାନ ର ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ଼ ମିଶ୍ର ପ୍ରକାଶ କରିଥିଲେ ଏହି ସଭାକୁ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ସନ୍ତୋଷ କୁମାର ମାଝୀ ପରିଚାଳନା କରିଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ଉପସଭାପତି ଦ୍ୱିଜବର ମହାପାତ୍ର, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ପରିଚାଳନା କରିଥିଲେ ।

## ମାଣିତରା କ୍ଲଷ୍ଟର ପକ୍ଷରୁ ଶିକ୍ଷଣ ଶିକ୍ଷାଦାନ ଉପକରଣ କର୍ମଶାଳା

ବୁଗୁଡ଼ା ୬/୪(ନି.ପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ଶିକ୍ଷଣ ଶିକ୍ଷାଦାନ ଉପକରଣ ମେଳା ଏପ୍ରିଲ ୫ ତାରିଖ ଦିନ ଉଦଯାପିତ ହୋଇଯାଇଛି । ମାଣିତରା କ୍ଲଷ୍ଟର ସିଆରସିସି ଶଶିକାନ୍ତ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ୧୩ ଗୋଟି ସ୍କୁଲର ଏଫଏଲଏନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦଙ୍କୁ ନେଇ କର୍ମଶାଳା ସମ୍ପାଦନା କରାଯାଇଥିଲା । ଉଦାଯାପିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାରଣା ଓ ସମ୍ମାନିତ ଅତିଥି ଭାବେ ରାମଣ୍ଡା କ୍ଲଷ୍ଟର ସିଆରସିସି ସୁଶାନ୍ତ କୁମାର ସେଠୀ ଓ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ମେଳାରେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କର୍ମଶାଳାରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦଙ୍କ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା ।

## ବରୁଣେଇ ଉଚ୍ଚ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ନିମାପଡା ୬/୪(ନି.ପ୍ର): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁରର ବରିଷ୍ଠ କର୍ମଚାରୀ ସୁଷମା ଦେଇଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଧାନଶିକ୍ଷକ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ । ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ମୁଖ୍ୟ ଅତିଥି ରୂପେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଭ୍ରମରବର ଓଝା, ମୁଖ୍ୟ ବକ୍ତା ଭାବେ ମା ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ରୂପେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଭୋଳାନାଥ ରାଉତ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବିପିନ ବିହାରୀ ରାଉତ ଓ ପୁରାତନ ଛାତ୍ର ପ୍ରତିନିଧି ଯୁଧିଷ୍ଠିର ମୁଦୁଲି ଯୋଗ ଦେଇ ବିଦାୟୀ କର୍ମଚାରୀଙ୍କର ଗୁଣଗାନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଜଣ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


# ରାୟଗଡ଼ା ପୌର କର୍ତ୍ତୃପକ୍ଷଙ୍କ ହିଞ୍ଜିଳିକାଟୁ ଗସ୍ତ

## ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମୁହ ପରିଦର୍ଶନ

ହିଞ୍ଜିଳିକାଟୁ ୬/୪(ନି.ପ୍ର): ତତ୍କାଳୀନ ସରକାରଙ୍କ ଶାସନ କାଳରେ ସହରାଞ୍ଚଳ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ପ୍ରାୟ ସମସ୍ତ ପାଇଲଟ ପ୍ରୋଜେକ୍ଟ ଗୁଡ଼ିକ ହିଞ୍ଜିଳିକାଟୁ ରୁ ହିଁ ପ୍ରଥମେ ଆରମ୍ଭ ହୋଇ ପରେ ଅନ୍ୟାନ୍ୟ ସହର ଗୁଡ଼ିକୁ ସମ୍ପ୍ରସାରିତ ହୋଇଥିଲା। ଏଣୁ ହିଞ୍ଜିଳିକାଟୁ ସହରକୁ ବିକାଶର ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି କ୍ରମରେ ଏଠାରେ କାର୍ଯ୍ୟକାରୀ ହୋଇଥିବା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମୁହର ସେବା,ଉତ୍କୃଷ୍ଟ ପରିଚାଳନା ଓ ଅନୁଭୂତି ଆଦାନ ପ୍ରଦାନ ସକାଶେ ଶୁକ୍ରବାର ରାୟଗଡ଼ା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ନେତୃତ୍ୱରେ ପୌର ପରିଷଦ ଅଧକ୍ଷ ପଟ୍ଟନାୟକୁନୀ ମହେଶ ପଟ୍ଟନାୟକ ଓ ଉପାଧକ୍ଷା ସୁଭ୍ରା ପଣ୍ଡାଙ୍କ ସମେତ ନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଓ କର୍ମଚାରୀ ପ୍ରମୁଖ ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାଳୟ ଗସ୍ତ କରିଥିଲେ। ପୌର ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପୋଲେଇ, ଉପାଧକ୍ଷା ସୁଚିତ୍ରା ପଣ୍ଡା ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ଓ ସମସ୍ତ ନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଆଗନ୍ତୁକ ଅତିଥିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୌର ସମ୍ମିଳନୀ କକ୍ଷରେ ସ୍କ୍ରିନ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ବିଷୟରେ ଅବଗତ କରା ଯାଇଥିଲା। ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା, ଆବାସିକ ଓ ବ୍ୟବସାୟିକ ଅଞ୍ଚଳର ପରିଷ୍କାର ଓ ପରିଚ୍ଛନ୍ନତା, ନାଳ ନର୍ଦ୍ଦମା,ମନ୍ଦିର ଓ ଐତିହ୍ୟ ସ୍ଥଳୀ, ସରକାରୀ କାର୍ଯ୍ୟାଳୟ ପରିସର ସଫେଇ, କଠିନ ଓ ତରଳ ବର୍ଜ୍ୟବସ୍ତୁ ସଂଗ୍ରହ, ଧୂସର ଜଳ ପରିଚାଳନା,ସ୍ୱଚ୍ଛତା କେନ୍ଦ୍ର, ପୋଷାକ(୩ଜ), ଜାଗା ମିଶନ, ଇଣ୍ଡୋର୍ ଷ୍ଟାଡିୟମ୍, ମଳ ଉପଚାର କେନ୍ଦ୍ର, ସହର ଓ ଗ୍ରାମାଞ୍ଚଳର ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ , ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର,ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଜଳ ସ୍ୱଚ୍ଛତା ଦିବସରେ ପୋଖରୀ ଓ ଜଳାଶୟ ଗୁଡିକର ପରିଷ୍କାର, ପ୍ରତି ୱାର୍ଡରେ ୱାର୍ଡ ବୈଠକ ଓ ରାତ୍ରୀ କାଳୀନ ସଫେଇ ସହ ୫ ମିଟର ପରିଧି ମଧ୍ୟରେ ସ୍ୱଚ୍ଛତା ପ୍ରତି ନିୟମିତ ଭାବେ ଗୁରୁତ୍ୱ ପ୍ରଦାନ କରାଯାଉଛି ।ପରେ ଏସବୁ ପ୍ରକଳ୍ପ ସ୍ଥଳୀ ଓ ଏହାର ଉପଯୋଗିତା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରି ଅତିଥି ମଣ୍ଡଳୀ ବିଶେଷ ସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡ୍ରୁଡ଼ା ପ୍ରଶିକ୍ଷକ ସବ୍ୟସାଚୀ ପ୍ରଧାନ ଓ ଦେବୀ କଲ୍ୟାଣ ମହାପାତ୍ରଙ୍କ ସମେତ ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ମହାପାତ୍ର, କାଉନସିଲର ରୀନା ଗୌଡ଼, ବିଭୁ ପ୍ରସାଦ ପଣ୍ଡା, ବସନ୍ତ କୁମାର ବେହେରା, ବିଳାସ କୁମାରୀ ମହାନ୍ତି ପ୍ରମୁଖଙ୍କ ସମେତ ପାରିଷଦ ବୃନ୍ଦ,ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପର୍ ଭାଇଜର ଓ ପୌର କର୍ମଚାରୀ ସହଯୋଗ କରିଥିଲେ।



## ବିରଳ ଅସ୍ତ୍ରୋପଚାର ହୋଇଥିବା ବାଛୁରୀ ସଂପୂର୍ଣ୍ଣ ସୁସ୍ଥ



ମୟୂରଭଞ୍ଜ , ୬/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ବାଦାମପାହାଡର ବାସିନ୍ଦା ରାଜକିଶୋର ସାହୁଙ୍କ ଗତ ଜାନୁଆରି ମାସରେ ହୋଇଥିବା ଏକ ଅଣ୍ଡିରା ବାଛୁରୀ ମଳତ୍ୟାଗ କରିପାରୁ ନଥିବାରୁ ପ୍ରାଣୀ ଚିକିତ୍ସାଳୟକୁ ନିଆଁ ଯାଇଥିଲା। ପରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡା. ପ୍ରେମାନନ୍ଦ ଶତପଥୀ ପରୀକ୍ଷା କରି ଜାଣିବାକୁ ପାଇଲେ ଯେ ଉକ୍ତ ଅଣ୍ଡିରା ବାଛୁରୀର ମଳଦ୍ୱାର ବହୀନ ଜନ୍ମ ହୋଇଛି। ଏଣୁ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡା. ପ୍ରେମାନନ୍ଦ ଶତପଥୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଜନ୍ମଜୟ ପଣ୍ଡାଙ୍କ ସହାୟତାରେ ଦୀର୍ଘ ଦୁଇ ଘଣ୍ଟା ଧରି କୃତ୍ରିମ ମଳଦ୍ୱାର ପାଇଁ ପେଟ ଭିତରୁ ବଡ ଅନ୍ତଃନଳୀର ଅଂଶରୁ ଏକ ଜଟିଳ ଅସ୍ତ୍ରୋପଚାର କରି ମଳଦ୍ୱାର ତିଆରି କରିଥିଲେ। ୩ ମାସ ହେବ ବାଛୁରୀ ମଳତ୍ୟାଗ ମଧ କରୁଛି। ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡା. ପ୍ରେମାନନ୍ଦ ଶତପଥୀ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଜନ୍ମଜୟ ପଣ୍ଡାଙ୍କ ସହାୟତାରେ ଦୀର୍ଘ ଦୁଇ ଘଣ୍ଟା ଧରି କୃତ୍ରିମ ମଳଦ୍ୱାର ପାଇଁ ପେଟ ଭିତରୁ ବଡ ଅନ୍ତଃନଳୀର ଅଂଶରୁ ଏକ ଜଟିଳ ଅସ୍ତ୍ରୋପଚାର କରି ମଳଦ୍ୱାର ତିଆରି କରିଥିଲେ। ୩ ମାସ ହେବ ବାଛୁରୀ ମଳତ୍ୟାଗ ମଧ କରୁଛି। ଏହି ବିରଳ ସଫଳ ଅସ୍ତ୍ରୋପଚାରରେ ସାଗ୍ରାମ ବାସ୍କେ, ବ୍ରଜମୋହନ ଗିରି ଏବଂ ବାଘରାଇ ମୁର୍ମୁ ସହଯୋଗରେ ସୁଚାରୁ ରୂପେ ହୋଇଥିଲା। ତେବେ ତିନିମାସ ହେବ ବାଛୁରୀଟି ସୁସ୍ଥ ଥିବା ଜଣାପଡ଼ିଛି। ଏନେଇ ବାଛୁରୀ ମାଲିକ ଲକ୍ଷ୍ମଣ ସାହୁ କହିଛନ୍ତି ଯେ ଏଭଳି ଅସ୍ତ୍ରୋପ୍ରଚାର୍ ପ୍ରଥମଥର ପାଇଁ ଦେଖିଛନ୍ତି। ବର୍ତ୍ତମାନ୍ ଉକ୍ତ ବାଛୁରୀଟି ଅନ୍ୟ ବାଛୁରୀ ଭଳିଆ ଖାଉଛି, ପିଉଛି ଓ ଚଳବୁଲା କରୁଛି। ଏନେଇ କୁସୁମୀ ବ୍ଲକ୍ ବିଭିଓ ପ୍ରେମାନନ୍ଦ ଶତପଥୀଙ୍କ ସହିତ ଯୋଗାଯୋଗ କରିବାରୁ ଏହି ଅସ୍ତ୍ରୋପଚାର ଏକ ପ୍ରକାର ବିରଳ ଥିଲା ବୋଲି କହିଛନ୍ତି। ବାଛୁରୀର ମଳଦ୍ୱାର ନଥିଲା। ଉକ୍ତ ବାଛୁରୀର ଅସ୍ତ୍ରୋପଚାର ପରେ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛି। ଜାଣି ବହୁତ୍ ଖୁସି ଲାଗୁଛି। ପୂର୍ବରୁ ମଧ ବହୁ ଅସ୍ତ୍ରୋପଚାର କରିଛୁ କିନ୍ତୁ ଏହା ଭିନ୍ନ ପ୍ରକାର।

## ବି.କରଡ଼ାବାଡ଼ି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡା ୬/୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଏମ ଶ୍ରୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡା ତହସିଲଦାର ତାପସ ରାଉତ, ମୁଖ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବୁଗୁଡା ବିଇଓ ଚିନ୍ମୟ ମହାପାତ୍ର, ସମାଜସେବୀ ବଂଶୀଧର ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ସରପଞ୍ଚ ଡି.ଚାନ୍ଦିନୀ ଆଚାରୀ, ବିରଞ୍ଚିପୁର କ୍ଲଷ୍ଟର ସିଆରସିସି ଦେବଦତ୍ତ ମହାନ୍ତି ଓ ବିନାୟକ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଶିକ୍ଷକ ଅଜିତ ପଣ୍ଡା ଅତିଥି ପରିଚୟ ସହ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ବିକଶିତ ଚିଲିକାର ବିନ୍ଧାଣି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ବାଣପୁର ୬/୪(ନି.ପ୍ର): ଓଡିଶା ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ପ୍ରତି ରାଜ୍ୟ ତଥା ନିଜ ନିର୍ବାଚନ ମଣ୍ଡଳି 'ଚିଲିକା'ର ବିକାଶକୁ ଦୃତ ଗତିରେ ଆଗକୁ ନେଉଛନ୍ତି । ନିଜର ଦକ୍ଷ ବିଭାଗ ପରିଚାଳନା କୌଶଳ , ଜ୍ଞାନ ଏବଂ ଆଚରଣ ଲାଗି ତାଙ୍କର ଲୋକପ୍ରିୟତା ଚିଲିକାରେ ଶୀର୍ଷକୁ ପହଞ୍ଚିଥିବା ବେଳେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମଧ ତାଙ୍କର ବେଶ ଦବଦବା ରହିଛି । ବିକାଶ କୁ ପ୍ରାଧାନ୍ୟ ଦେଉଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏକ ବିକଶିତ ଚିଲିକା ଗଠନ କରିବା ପାଇଁ ଅହରହ ପରିଶ୍ରମ ଜାରି ରଖିଛନ୍ତି । ନିକଟରେ ଚିଲିକା ନିର୍ବାଚନମଣ୍ଡଳିର ବିକାଶକୁ ଦୃଷ୍ଟିରେ ରଖି ମାନ୍ୟବର ମନ୍ତ୍ରୀ ଘୋଷଣା କରିଛନ୍ତି ଏକାଧିକ ଉନ୍ନୟନ ପ୍ରକଳ୍ପ । ଅନୁରୂପ ଭାବେ ମନ୍ତ୍ରୀ ଜନ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଉଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ଅଭିଯୋଗ ଶୁଣିବା ଏବଂ ତାହାର ସମାଧାନ ଦିଗରେ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି । ଚିଲିକା ନିର୍ବାଚନମଣ୍ଡଳିର ପ୍ରତ୍ୟେକ ଛୋଟ ବଡ଼ ସାମାଜିକ କାର୍ଯ୍ୟରେ ମଧ ସାମିଲ ହେଉଛନ୍ତି ମନ୍ତ୍ରୀ । ଯାହାଫଳରେ ସେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି । ନିଜର ଦୃଢ ଇଚ୍ଛାଶକ୍ତି, ଦୂରଦୃଷ୍ଟି ଏବଂ ଜନ ସମର୍ପିତ ଭାବନାକୁ ନେଇ ଚିଲିକାର ବିକାଶ ଗତିକୁ କ୍ଷିପ୍ର ଗତିରେ ଆଗକୁ ବଢ଼ାଉଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକଶିତ ଭାରତ ଓ ବିକଶିତ ଓଡିଶାର ସ୍ୱପ୍ନକୁ ସାକାର କରିବା ଦିଗରେ ବିକଶିତ ଚିଲିକା ଗଠନର ବିନ୍ଧାଣି ସାଜିଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ଖଇରପଦର ସେବାଶ୍ରମ ରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ

ସିନାପାଲି ୬/୪(ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଖଇରପଦର ସେବାଶ୍ରମ ବିଦ୍ୟାଳୟ ଠାରେ ଅଭିଭାବକ ଅଭିଭାବିକା ଶିକ୍ଷକ ସହଭାଗିତା ବୈଠକ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମାଲି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ଟିମନପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ର ଓଡିଆ ବିଭାଗ ଅଧ୍ୟାପକ ନରେନ୍ଦ୍ର କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଗୋର୍ଲା ସେବାଶ୍ରମ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ, କଇଁଟପଦର କ୍ଲଷ୍ଟର ସିଆରସିସି ଦେବେନ୍ଦ୍ର ସୁନାନୀ, ବିଦ୍ୟାଳୟ ପରିଚାଳନା ସଭାପତି ବିପିନ ବିହାରୀ ସୁନାନୀ, ଖଇରପଦର ପଞ୍ଚାୟତ ପିଇଓ ଢ଼କନଲାଲ ଚଲାନ, ପୁର୍ବତନ ଜିଲ୍ଲାପରିଷଦ ସଦସ୍ୟ ଗିରିରାଜ ମାଝି, ଗ୍ରାମ୍ୟ ଝାକର ବଳରାମ ମାଝି ପ୍ରମୁଖ ମଞ୍ଚାସିନ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ତମ ମଣିଷ ଗଢି ତୋଳିବାକୁ ହେଲେ ଶିକ୍ଷକ ଓ ଅଭିଭାବକ ମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସାଙ୍ଗକୁ ଭାବ ର ଆଦାନ ପ୍ରଦାନ ଜରୁରୀ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଉପରେ ଅତିଥି ମାନେ ନିଜର ମତାମତ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସରକାର ଙ୍କ ବିଭିନ୍ନ ଯୋଜନା, ସହଯୋଗ, ସହାୟତା ବିଷୟରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଏହି ଅବସର ରେ ଖିତି କୁମାର ମେହେର ମଞ୍ଚ ପରିଚାଳନା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିକ୍ରମ କିଶୋର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅମିତ କୁମାର ସାହୁ, ଖିତିନା ମାଝି ପୂର୍ଣ୍ଣମୀ ମାଝି ସମେତ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ର ଛାତ୍ରୀ ତଥା ଅଭିଭାବକ ଅଭିଭାବିକା ଜନସାଧାରଣ ଉପସ୍ଥିତ ଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ ୬/୪(ନି.ପ୍ର): ହିଞ୍ଜିଳିକାଟୁ ବ୍ଲକ ରାଳବ ପଞ୍ଚାୟତ ଆଲପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସ୍ୱ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଗୌଡ଼ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଲପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାଶପତି ଦାଶ ମୁଖ୍ୟ ଅତିଥି, ରାଳବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନାୟକ ସେଠୀ ମୁଖ୍ୟ ବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟୁକୁନା ପ୍ରଧାନ , ସିଆରସିସି ଜିତେନ୍ଦ୍ରନାଥ ମହାନ୍ତି , ଶିକ୍ଷୟତ୍ରୀ ପ୍ରଜ୍ଞା ପାରମିତା ଦାଶ ପ୍ରମୁଖ ସମ୍ମାନୀୟ ଅତିଥି ମଞ୍ଚାସୀନ ଥିଲେ ।?ଏହି ଅବସରରେ ଅତିଥି ମାନେ ଉତ୍ତମ ଅଧୟନ ଓ କଠିନ ପରିଶ୍ରମ ସହ ପ୍ରତିଯୋଗିତା ମୂଳକ ମନୋଭାବ ପୋଷଣରେ ନିଜ ସ୍ୱପ୍ନ ସାକାର କରିବା ପାଇଁ ଛାତ୍ର ଛାତ୍ରୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । କ୍ରୀଡା ଓ ଅନ୍ୟାନ୍ୟ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କାହ୍ନୁ ଚରଣ ସାହୁ, ବୁଲୁ ନାହାକ, ପ୍ରକାଶ ଚନ୍ଦ୍ର ବେହେରା, ସୁରେଶ ଚନ୍ଦ୍ର ଦାଶ, ନିର୍ମଳ ଚନ୍ଦ୍ର। ମହାଲିଂଙ୍ଗ , ଲକ୍ଷ୍ମୀପ୍ରଭା ଗଜେନ୍ଦ୍ର, ଇପ୍ସିତା ବେହେରା ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥଲେ ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଡାବୁଗାଁ ଠାରେ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ



ନବରଙ୍ଗପୁର ୬/୪(ନି.ପ୍ର): ଆଜି ଦିନ ୧୧ ଘଣ୍ଟା ସମୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଡାବୁଗାଁ ପଞ୍ଚାୟତ ସମିତି ତରଫରୁ ସଦର ମହକୁମା ଠାରେ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତହେଲା। ଏହି ସମୟରେ ଉପସ୍ଥିତି ଥିଲେ ବିଏସଏସଓ ଯତୀନ ପଣିଗ୍ରାହୀ, ଜିପିଓ ପଦ୍ମନାବ ଭୋଳା, ଏପିଅ ବର୍ଣ୍ଣବାସ ନାୟକ ସହ ବ୍ଲକ କର୍ମଚାରୀ ମାନେ ଜିଆରଏସ ମାନେ ଏବଂ କଲେଜ ଛାତ୍ର ଛାତ୍ରି ମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ସରକାରୀ ଗାଇଡ଼ ଲାଇନ ଅନୁସାରେ ଅନୁଷ୍ଠିତ ହେଲା।

## ବାଘ ଗଣନା ଆରମ୍ଭ: ୮ ଦଳରେ ସାମିଲ ୮୫ କର୍ମଚାରୀ

ମୟୂରଭଞ୍ଜ ୬/୪(ନି.ପ୍ର): ସର୍ବଭାରତୀୟ ସ୍ତରରେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ଶିମିଳିପାଳରେ ମଧ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ବନ ବିଭାଗ ପକ୍ଷରୁ ଏଥିପାଇଁ ୮ଟି ଦଳରେ ୮୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଜଙ୍ଗଲରେ ବାଘର ପାଦଚିହ୍ନ, ଆମ୍ପୁଡ଼ା ଚିହ୍ନ ଓ ମଳମୂତ୍ରର ନମୁନାରୁ ବାଘ ଗଣତି କରିବେ। ଏଥିସହ ଶିମିଳିପାଳରେ ଲାଗିଥିବା ୩୦୦ରୁ ଅଧିକ ଟ୍ରାପ୍ କ୍ୟାମେରା ଓ ଏଆଇ କ୍ୟାମେରାର ମଧ ଉପଯୋଗ ହେବ। ଏହି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟ ଦେଇ ବର୍ଷତମାମ ଚାଲିବ। ଏହା ପରେ ଏନ୍‌ଟିସିଏକୁ ରିପୋର୍ଟ ଦିଆଯିବ ଏବଂ ୨୦୨୬ରେ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଶିମିଳିପାଳ ଟାଇଗର ରିଜର୍ଭ (ଏସ୍‌ଟିଆର) କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରତି ୪ ବର୍ଷରେ ଜାତୀୟ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇଥାଏ। ଗତଥର ରିପୋର୍ଟ ଅନୁଯାୟୀ; ଶିମିଳିପାଳରେ ଏବେ ୨୪ଟି ବୟସ୍କ ମହାବଳ ଥିବାବେଳେ ୮ଟି ଶାବକ ରହିଛନ୍ତି। ଏହି ସଂଖ୍ୟାରେ ବୃଦ୍ଧି ଘଟିଛି ନା ବାଘବଂଶ ହ୍ରାସ ପାଉଛି, ତାହା ଗଣନା ରିପୋର୍ଟ ଆସିଲେ ଜଣାପଡ଼ିବ। ତେବେ ଅଭୟାରଣ୍ୟର କୋର ଏରିଆରେ ଲାଗିଥିବା



କ୍ୟାମେରା ଚିତ୍ରକୁ ଗ୍ରହଣ କଲେ ବାଘସଂଖ୍ୟା ବୃଦ୍ଧି ପାଇଛି ବୋଲି ଏସ୍‌ଟିଆର କର୍ତ୍ତୃପକ୍ଷ ଜୋର ଦେଉଛନ୍ତି ।ତେବେ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ ଗତବର୍ଷ ମହାରାଷ୍ଟ୍ରରୁ ଶିମିଳିପାଳକୁ ଅଣାଯାଇଥିବା ଦୁଇ ବାଘୁଣୀ; ଜୀନତ୍ ଓ ଯମୁନାର ଭବିଷ୍ୟତକୁ ନେଇ କିନ୍ତୁ ପୂର୍ବଭଳି ଅନିଶ୍ଚିତତା ଲାଗିରହିଛି। ଯେଉଁ ଲକ୍ଷ୍ୟ ନେଇ ୨ ବାଘୁଣୀଙ୍କୁ ଏଠାକୁ ଅଣାଯାଇଥିଲା ତାହା ଏଯାଏଁ କାଣିଚାଏ ବି ସଫଳ ହୋଇନି। ଶିମିଳିପାଳର ମହାବଳ ବାଘଙ୍କ ଦେହର ରଙ୍ଗ ଦିନକୁ ଦିନ କଳା ପଡୁଛି। ତେଣୁ ଏହି ଅନୁବଂଶୀୟ ବିବିଧତା ଓ ଗୁଣବତ୍ତାରେ ଉନ୍ନତି ଆଣିବା ସହ ଲିଙ୍ଗଗତ ଅସଙ୍ଗତିକୁ ଦୂର କରିବା ପାଇଁ ଗତବର୍ଷ ଆସିଥିଲେ ଯମୁନା ଓ ଜୀନତ୍। ଆସିବା ପରଠୁ ଯମୁନା ଶିମଳିପାଳ ଜଙ୍ଗଲରେ କମ୍, କେନ୍ଦୁଝରର ହଦଗଡ଼ ଓ ବାଲେଶ୍ୱରର କୁଲଡ଼ିହା ଅଭୟାରଣ୍ୟରେ ଅଧିକ ସମୟ ରହୁଛି। ଏପଟେ ଶିମଳିପାଳରୁ ଖସିଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଜଙ୍ଗଲରେ ୨୧ ଦିନ ବୁଲିବା ପରେ ୨୦୨୪ ଡିସେମ୍ବର ୨୯ରେ ଧରାପଡ଼ିଥିବା ବାଘୁଣୀ ଜୀନତ୍‌କୁ ଶିମିଳିପାଳର ଜେନାବିଲଠାରେ ଏନ୍‌କ୍ଲୋଜରରେ ରଖାଯାଇଛି। ଯେଉଁ ବୟସରେ ଜୀନତ୍ ଜଙ୍ଗଲରେ ବୁଲିବା ସହ ବଂଶବୃଦ୍ଧି କରିବା କଥା ସେହି ସମୟରେ ୩ ମାସ ହେଲା ସେ ଏକପ୍ରକାର ବନ୍ଦୀ ଜୀବନ ବିତାଉଛି। କେବେ ତାକୁ ମୁକ୍ତ ଜଙ୍ଗଲରେ ଛଡ଼ାଯିବ, ସେ କଥା ଖୋଦ୍ ଏସ୍‌ଟିଆର କର୍ତ୍ତୃପକ୍ଷ ବି ଜାଣନ୍ତିନି ।ଏ ସଂପର୍କରେ ଆରସିସିଏଫ ପ୍ରକାଶ ଚାନ୍ଦ ଗୋଗିନାନୀ କହିଛନ୍ତି, ଏବେ ବର୍ଦ୍ଧିତ ଖୁଆଡ଼ରେ ରହିଥିବା ଜୀନତ୍‌ର ଆଚରଣ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ନିର୍ଦ୍ଦେଶ ଆସିବା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସେହିପରି ବାଘୁଣୀ ଯମୁନା ଏବେ ହଦଗଡ଼ ଓ କୁଲଡ଼ିହା ଅଭୟାରଣ୍ୟରେ ମଧ୍ୟରେ ଯାଆସ କରୁଛି। ଶିମିଳିପାଳ ପରିବର୍ତ୍ତେ ସେହି ଅଞ୍ଚଳକୁ ସେ ନିଜ ଅଞ୍ଚଳ ଭାବେ ବାଛି ସାରିଥିବା ଆମେ ଅନୁମାନ କରୁଛୁ। ତେବେ ଯମୁନା ପାଇଁ ଚିନ୍ତା କରିବାର ବିଶେଷ କାରଣ ନାହିଁ।

## କୃଷି ବିଭାଗ ତରଫରୁ ବୁଟ ଚାଷ କ୍ଷେତ୍ର ଦିବସ

ପାଟଣା ୬/୪(ନି.ପ୍ର): ପାଟଣା କୃଷି ବିଭାଗ ତରଫରୁ ମାଧପୁର ଠାରେ ଆଜି ବୁଟ ଚାଷ କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇ ଯାଇଛି ।ମାଧପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧିନସ୍ଥ ଗୁଲୁଦୀପଶି,ସ୍ୱାମ, ମାଧପୁର ଗ୍ରାମର ବୁଟ ଚାଷ କରିଥିବା ଚାଷୀ ମାନେ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ ମୁଖ୍ୟ ଅତିଥି ଭାବେଯୋଗ ଦେଇଥିବା ବେଳେ ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ,କୃଷି ଅଧିଦର୍ଶକ ବୀରଭଦ୍ର ନାଏକ, ଦୁର୍ଗା ଚରଣ ତ୍ରିପାଠୀ ଓ ପାଟଣା ସରପଞ୍ଚ ବୀନତୀ ବାନରା ,ହୃଷିକେଶ ମହାନ୍ତ ଓ ବଡ଼ ପାଟଣା ଗ୍ରାମପଞ୍ଚାୟତ କୃଷକ ସାଥି ହର୍ଷ କୁମାର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ ।ଚାଷୀ ମାନେ ବୁଟ ଚାଷ ଅମଳ ପରେ ଚାଷ ରେ ହୋଇଥିବା ଅମଳ ଓ ତାର ଲାଭକ୍ଷତି ଉପରେ ଆଲୋଚନା ହୋଇଥିଲା ।ଚଳିତ ବର୍ଷ ଏହି କ୍ଷେତ୍ରରେ ୭୫ ହେକ୍ଟର ଜମିରେ ବୁଟ ଚାଷ ହୋଇଥିଲା ।କାର୍ଯ୍ୟକ୍ରମ ରେ ୧୮୮ ଜଣ ବୁଟ ଚାଷୀ ଉପସ୍ଥିତ ଥିଲେ।

## ଶିକ୍ଷାୟତନ ଇକୋ କ୍ଲବ କାହା ସ୍ୱାର୍ଥରେ ? ନାଁ କୁ ହେଉଛି ପ୍ରଦର୍ଶନୀ




ପାଟଣା ୬/୪(ନି.ପ୍ର): ଶିକ୍ଷାୟତନର ପରିବେଶ ସୁରକ୍ଷା ଓ ଛାତ୍ରଛାତ୍ରୀ ଙ୍କୁ ଏହି ମନସ୍କ କରିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳରେ ଉଚ୍ଚ ବିଦ୍ୟାଳୟ ମାନଙ୍କର ଇକୋ କ୍ଲବ ଓ ଏନର୍ଜି କ୍ଲବ ଗଠନ କରଯାଇଛି । ଏଥିପାଇଁ ବିଦ୍ୟାଳୟ ପ୍ରତି ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରତିବର୍ଷ ମଧ୍ୟ ଦିଆଯାଉଛି । ଏହା ସତ୍ତ୍ୱେ ଶିକ୍ଷାନୁଷ୍ଠାନ ପରିବେଶରେ ଗଛ ସଂଖ୍ୟା କାହିଁକି ବଢୁନାହିଁ ଓ ଏହି ଅନୁଦାନ ଅର୍ଥ କିପରି ଓ କାହା ପକେଟକୁ ଯାଉଛି ତାହାର କେବେବି ସମୀକ୍ଷା ମଧ୍ୟ କରାଯାଇନାହିଁ । ଇକୋ କ୍ଲବ ବାଦ ବର୍ଷା ଋତୁ ପୂର୍ବରୁ ଚାରା ରୋପଣ ଅଭିଯାନ ବିଭିନ୍ନ ବିଦ୍ୟାଳୟରେ ଓ ଅନୁଷ୍ଠାନରେ ଚାରା ରୋପଣ କରାଯାଇଥିଲେ ମଧ ତାହା କେବଳ ପ୍ରଚାର ସର୍ବସ୍ୱ ହୋଇଯାଉଛି । ଇକୋ କ୍ଲବ ଓ ଏନର୍ଜି କ୍ଲବ କହିଲେ ଅଧିକାଂଶ ଛାତ୍ରଛାତ୍ରୀ ଏହା କଅଣ ଓ କାହିଁକି ବୋଲି ଉତ୍ତର ଦେଇ ପାରୁନାହାଁନ୍ତି । ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ବି. ଏସ ଉଚ୍ଚ ବିଦ୍ୟାଳୟ , ଚିନାମାଳିପଶି ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମୁରୁସୁଆଁ ଉଚ୍ଚ ବିଦ୍ୟାଳୟ ଭଳି ମାତ୍ର ୪ ରୁ ୫ ବିଦ୍ୟାଳୟକୁ ବାଦ ଦେଲେ ଅନ୍ୟାନ୍ୟ ବିଦ୍ୟାଳୟ ରେ ଇକୋ କ୍ଲବ ପାଇଁ ଅନୁଦାନ ବାଟ ମାରଣା ହେଉଥିବା ଅଭିଯୋଗ ହେଉଛି ।ଏପରିକି ବହୁ ବିଦ୍ୟାଳୟ ୫ଟି ରେ ସାମିଲ କରାଯାଇଥିବା ବେଳେ ତଥାପି ସେହିସବୁ ବିଦ୍ୟାଳୟ ର ପରିବେଶ ମଧ ଖାଁ ଖାଁ ରହିଛି। ଏହି ପରିପ୍ରେକ୍ଷୀରେ ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ଜି ଏନ ହାଇସ୍କୁଲ ପରିସରରେ ଗତକାଲି ଇକୋ କ୍ଲବ ସମୂହ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଭିନ୍ନ ବିଦ୍ୟାଳୟ ରୁ ବିଷୟ ଭିତ୍ତିକ ୩୪ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରକଳ୍ପ ଗୁଡ଼ିକର ବିଚାରକ ଭାବେ ପାଟଣା ବନପାଳ ପିଅନ ନାଏକ , ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରୁ ରଜତ କୁମାର ଦାସ ଓ ଶରତ କୁମାର ମିଶ୍ର ବିଚାରକ ଭାବେ ଯୋଗ ଦେଇଥିଲେ ।ସ୍ଥାନିୟ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଏ ବି ଇ ଓ ବିଜୟ କୁମାର ଓଝା , ସମ୍ମାନିତ ଅତିଥି ଭାବେ ଚିନାମାଳିପଶି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ କୁମାର ଷଡଙ୍ଗୀ, ବି ଟି ଉଚ୍ଚ ବିଦ୍ୟାଳୟର ନବଘନ ପଲେଇ, ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟର ମକରଧ୍ୱଜ ମହାନ୍ତ ଓ ଡୁମୁରିଆ ଉଚ୍ଚ ବିଦ୍ୟାଳୟର ସୁଧାକର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କୈଳାଶ ଚନ୍ଦ୍ର ମହାନ୍ତ ଓ ପାର୍ଥସାରଥୀ ବେଜ୍ କାର୍ଯକ୍ରମ ର ସଂଯୋଜନା କରିଥିଲେ । ପ୍ରଦର୍ଶନୀ ରେ ଚିନାମାଳିପଶି ଉଚ୍ଚ ବିଦ୍ୟାଳୟ ର ରମାରଞ୍ଜନ ମହାନ୍ତ, ଖିରେଇଟାଙ୍ଗୀର ର ଆଦିତ୍ୟକୁମାର ମଣ୍ଡଳ ଓ ପାଟଣାର ଲକ୍ଷ୍ମୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା ।ତେବେ ୨୫ହଜାର ଟଙ୍କା ଅନୁଦାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଚାରକ ମାନଙ୍କ ଦେୟ , ପୁରସ୍କାର ରାଶି ,ଟିଫିନ୍ ଓ ଶିବିରାର୍ଥି ଙ୍କ ଖାଦ୍ୟ ପେୟ ଖର୍ଚ୍ଚ ବାବଦ ରେ ସ୍ୱଳ୍ପ ଅର୍ଥ ଖର୍ଚ୍ଚ କରାଯାଇଥିବା ରୁ ଏହା ଅନାକର୍ଷଣୀୟ ଓ ବିଧି ରକ୍ଷା ପାଇଁ ଏପରି କାର୍ଯ୍ୟ କରାଯାଉଥିବା ସାଧାରଣ ଲୋକେ ମତ ରଖିଛନ୍ତି।

## ବରୀ ବିଦ୍ରୁପା ରାସ୍ତା କାର୍ଯ୍ୟ ନିମ୍ନ ମାନର

### ଠିକାଦାର,ଯନ୍ତ୍ରୀ ମାଲାମାଲ ସାଧାରଣ ଜନତା ବେହାଲ



ଯାଜପୁର ୬/୪(ନି.ପ୍ର): ସରକାର ସାଧାରଣ ଲୋକମାନଙ୍କର ଗମନା ଗମନର ସୁବିଧା ପାଇଁ ରାସ୍ତା ଘାଟ ନିର୍ମାଣ ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।କିନ୍ତୁ କିଛି ଅସାଧୁ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଏସବୁ ଟଙ୍କା କୁ ହରିଲୁଟ କରୁଛନ୍ତି ।ବିଭାଗୀୟ ଅଧିକାରୀ ଜାଣିଶୁଣି କାର୍ଯ୍ୟ ସ୍ଥଳକୁ ଆସୁନଥିବା ବେଳେ ଠିକାଦାର ମନମୁଖି କାର୍ଯ୍ୟକରି କୋଟି କୋଟି ଟଙ୍କା ହଡପ କରୁଚି। ଏହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି ବରୀ ବ୍ଲକ ର ବ୍ରାହ୍ମଣୀ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟରେ । ବରୀ ରୁ ବିଦ୍ରୁପା କୁ ସଂଯୋଗ କରୁଥିବା ଏହି ନଦୀବନ୍ଧର ପ୍ରଶାସ୍ତିକରଣ କାର୍ଯ୍ୟ ଚାଲୁ ଅଛି। ଯାହାର ତଦାରଖ ଦାଇତ୍ୱ ପୂର୍ତ୍ତ ବିଭାଗ କୁ ଦିଆଯାଇଅଛି। କିନ୍ତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଶସ୍ତା ଏହି କାର୍ଯ୍ୟଟିକୁ ଅତ୍ୟନ୍ତ ନିମ୍ନମାନର କରୁଥିବାର ଅଭିଯୋଗ ଆସୁଚି ।ଅଭିଯୋଗ ଅନୁଯାଇ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲାଗିବାର ସରକାରୀ ନିୟମ ଥିବା ବେଳେ ଏ ପର୍ଯ୍ୟନ୍ତ ସୂଚନା ଫଳକ ଲାଗିନାହିଁ। ପୁରୁଣା ପିଚୁକୁ ତାଡ଼ି ବାହାର କରିବା ପରିବର୍ତ୍ତେ ପୁନର୍ବାର ସେହି ପିଚୁକୁ ଡଷ୍ଟ ରେ ମିଶାଇ ରାସ୍ତା କାର୍ଯ୍ୟରେ ବ୍ୟବହାର କରାଯାଉଛି। କିଛି ପ୍ରାଇଭେଟ ଜମିକୁ ମଧ ଠିକାଦାର ଜୋର ଜବରଦସ୍ତ କବଜା କରି ରାସ୍ତା ନିର୍ମାଣ କରୁଥିବା ବେଳେ ସେମାନଙ୍କୁ ଏ ପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ଦିଆଯାଇନାହିଁ । ଆବଶ୍ୟକ ସ୍ଥଳେ ଗାର୍ଡୱାଲ ଦିଆ ଯାଉନଥିବା ବେଳେ ନନ ଟ୍ରେଡ଼ ସିମେଣ୍ଟ ମାଧ୍ୟମରେ ଢ଼ଳେଇ କାର୍ଯ୍ୟ କରାଯାଉଅଛି । ଏ ବିଷୟରେ ସାଧାରଣ ଲୋକେ ପ୍ରତିବାଦ କରିବାରୁ ଠିକାଦାର ଜୋର ଜବରଦସ୍ତ କାମ କରିବା ସହ ଧମକ ଚମକ ଦେଇ ସେମାନଙ୍କ ମୁହଁ ବନ୍ଦ କରାଯାଉଅଛି । ଏନେଇ ବାରମ୍ବାର ବିଭାଗୀଅ ଅଧିକାରୀଙ୍କୁ ଅଭିଯୋଗ ପରେବି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଜଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତାହେଲେ ସ୍ଥାନିଅ ଲୋକେ ଜୋର ଜବରଦସ୍ତ ରାସ୍ତାକାମକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

## ସାହାରପଡାରେ ମା ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ

ପାଟଣା ୬/୪(ନି.ପ୍ର):ସାହାରପଡା ଦୁର୍ଗା ମଣ୍ଡପରେ ମା ବାସନ୍ତୀକ ଦୁର୍ଗା ପୂଜା ୧୧ ବର୍ଷ ଧରି ବେଶ ଧୁମଧାମ ସହ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ମଧ୍ୟ ଘଟ ପୂଜା, ବେଲ ବରଣୀ ପରେ ମଣ୍ଡପରେ ରୀତିନୀତି ଅନୁଯାଇ ପୂଜା କାର୍ଯ୍ୟ ଚାଲୁ ରହିଅଛି । ପ୍ରତେକ ସନ୍ଧ୍ୟାରେ ମା ଙ୍କ ଆଳତି ଲାଗି ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଯାଉଥିବା ଦେଖିବାକୁ ମିଳିଛି ।ମଣ୍ଡପରେ ପୂଜା ସଂକଳ୍ପରେ ଯୁଧିଷ୍ଠିର ମହାନ୍ତ,ଏବଂ ତାଙ୍କ ସ୍ତ୍ରୀ ପ୍ରେମ ଲତା ମହାନ୍ତ ଥିବା ବେଳେ ୱେଷ୍ଟ ବେଙ୍ଗଲ ପୂର୍ବ ମେଦିନାପୁର ଅଞ୍ଚଳର ବ୍ରଜକିଶୋର ନନ୍ଦଙ୍କ ସହ ଅନ୍ୟ ପୂଜକ ମାନେ ସାମିଲ ହୋଇ ଚଣ୍ଡୀ ପାଠ କରୁଛନ୍ତି । ପଶ୍ଚିମ ବଙ୍ଗ ର ମୂର୍ତ୍ତି ଶିଳ୍ପୀ ସୀତାରାମ ଦାସ ମାଙ୍କ ଏପରି ମୂର୍ତ୍ତି ଗଢି ତୋଳିଛନ୍ତି,ଯେମିତି କି ଶ୍ରଦ୍ଧାଳୁ ଦର୍ଶନ କରିବା ସମୟ ରେ ଘଡ଼ିଏ ଅଟକି ରହି ଯାଉଛନ୍ତି । ମା ବାସନ୍ତୀକ ପୂଜା ଆୟୋଜକ ଭାବେ ରଥୁ ମହାନ୍ତ ଥିବା ବେଳେ ବଳରାମ ସେଠି, ଚତୁରା ନାଏକ, ମାନସ ରଞ୍ଜନ ମହାନ୍ତ, ପପି ଖଟୁଆ, ରତି ରଞ୍ଜନ ଙ୍କ ସହ ଅନ୍ୟ ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହଯୋଗ କ୍ରମେ ମାଙ୍କ ପୂଜା ପାଳିତ ହେଉଛି ।

# ନଗଡ଼ାଠାରୁ ଆହୁରି ଭୟଙ୍କର 'କେମିଶଳା'


## ଚାଉଳ, ଭତ୍ତା ପାଇଁ ପାହାଡ଼ ଜଙ୍ଗଲରେ ୨୦ କିମି ପଦଯାତ୍ରା



କୋଇଡ଼ା,୬/୪: ଜୀବନ ମାନେ ଏଠି ଖାଲି ଯନ୍ତ୍ରଣା ଆଉ ଯନ୍ତ୍ରଣା। ମରିମରି ଜିଇଛନ୍ତି ଶତାଧିକ ପରିବାର। ବିକାଶର ଦୀପ ତଳେ ଇଏ ଏମିତି ଏକ ଅନ୍ଧାରିମୁଲକ, ଯେଉଁଠି ଜୀବନଧାରଣ ପାଇଁ ମୌଳିକ ସୁବିଧାଠାରୁ ବହୁ ଦୂରରେ ରହିଛନ୍ତି ଗ୍ରାମବାସୀ। ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ବ୍ଲକ୍ ଭୁତୁଡ଼ା ପଞ୍ଚାୟତରେ ରହିଛି ଉପର କେମିଶଳା ଓ ତଳ କେମିଶଳା ଗାଁ। ଉଭୟ ଗାଁକୁ ମିଶାଇଲେ ପରିବାର ସଂଖ୍ୟା ୧୦୦ ଟପିଯିବ। ପ୍ରକୃତ ଅର୍ଥରେ ବନବାସୀ ଏମାନେ। ଗାଁକୁ ଯିବା ପାଇଁ ରାସ୍ତା ହିଁ ନାହିଁ। ବ୍ଲକ୍ ମୁଖ୍ୟାଳୟରୁ ପାଖାପାଖି ୫୦ କିଲୋମିଟର ବରସୁଆଁରୁ ଭୁତୁଡ଼ା ହୋଇ ୧୫ କିଲୋମିଟର ଚାଲିଲେ ଯାଇ ଗାଁ ଆସେ। କୋଇଡ଼ା ହୋଇ ଗଲେ ୨୦ କିଲୋମିଟର ଜଲଡିହି ପାହାଡ଼ ଜଙ୍ଗଲ ଡେଇଁ ଖଣି ଭିତରେ ପଶି ପୁଣି ୧୦ କିଲୋମିଟର ଖଜୁରଡିହି ସଂରକ୍ଷିତ ଜଙ୍ଗଲ ରାସ୍ତାରେ ଗଲେ ପଡ଼ିବ କେମିଶଳା ଗ୍ରାମ। ବିଦ୍ୟାଳୟ ନଥିବାରୁ ଏଠାରେ ଅପାଠୁଆ ରହି ଆସିଛନ୍ତି ପିଢ଼ି ପରେ ପିଢ଼ି। ଯେଉଁଠି ରାସ୍ତା ନାହିଁ ସେଠାରେ ସ୍ୱାସ୍ଥ୍ୟ ସୁବିଧା ସାତ ସପନ। କାହାର ଦେହପା ଖରାପ ହେଲେ ପାହାଡ଼ିଆ ପଥୁରିଆ ପାଦଚଲା ରାସ୍ତାରେ ଖଟିଆରେ ବୋହି ନେବାକୁ ପଡ଼େ ଭୁତୁଡ଼ା ଗାଁ ପର୍ଯ୍ୟନ୍ତ। ସେଠାରୁ ଡାକ୍ତରଖାନା ଯିବାକୁ ହୋଇଥାଏ। ରାସ୍ତା ଅଭାବରୁ ପ୍ରସୂତିମାନେ ଘରେ ପ୍ରସବ କରିବାକୁ ବାଧ୍ୟ ହୋଇଥାନ୍ତି। ଫଳରେ ପ୍ରସବ ଜଟିଳତା କାରଣରୁ ଅନେକ ସମୟରେ ପ୍ରସୂତି ଓ ନବଜାତକର ମୃତ୍ୟୁ ହୋଇ ଯାଇଥାଏ। ଗାଁର ଆଉ ଏକ ପ୍ରମୁଖ ସମସ୍ୟା ହେଉଛି ପାନୀୟଜଳ। ଏ ଅଞ୍ଚଳର ଜୀବନରେଖା ପାହାଡ଼ି ଝରଣା 'କୁରାଡ଼ିନାଳ'। ଯାହାର ଉତ୍ପତ୍ତିସ୍ଥଳ ଏହି ଗାଁ'ରୁ। ପିଇବା ଓ ସ୍ନାନଶେ?ଚ ପାଇଁ ବ୍ରାହ୍ମଣୀ ନଦୀର ଶାଖାନଦୀ 'କୁରାଡ଼ିନାଳ' ଉପରେ ଯୁଗଯୁଗ ଧରି ଭରସା କରିଛନ୍ତି ଗ୍ରାମବାସୀ। ଯାଜପୁର ନଗଡ଼ାଠାରୁ ଆହୁରି କରୁଣ ଦୃଶ୍ୟ ରହିଛି ଏହି ଗାଁରେ। ପ୍ରାୟ ସମସ୍ତ ଶିଶୁ ଅପପୁଷ୍ଟି କବଳିତ। ଦେହ ଖରାପ ହେଲେ ଚେଙ୍କ ଓ ଚେରମୂଳି ଖୁଆଇ ଚିକିତ୍ସା କରନ୍ତି। ରାସ୍ତାଘାଟ ଅସୁବିଧା ପାଇଁ ପରିବା ବଦଳରେ କନ୍ଦମୂଳ ଖାଇ ବଞ୍ଚିବାକୁ ବାଧ୍ୟ ହୋଇଥାଆନ୍ତି। ସରକାରୀ ଚାଉଳ ହେଉ ଅବା ଭତ୍ତା, ସବୁ ପାଇଁ ୨୦ କିଲୋମିଟର ପାହାଡ଼ ଜଙ୍ଗଲ ମଧ୍ୟରେ ଚାଲିଚାଲି ଗଲାପରେ ପୁଣି କାନ୍ଧରେ ବୋହିକି ସେତିକି ବାଟ ଆଣିବାକୁ ପଡ଼ିଥାଏ। ରାସ୍ତା ଓ ପାଣି ଅସୁବିଧା ପାଇଁ ଏଠାରେ କାହାରି ପକ୍କା ଘରନାହିଁ। ଏହି ପଞ୍ଚାୟତରେ ରହିଛି ଓଡ଼ିଶା ସରକାରଙ୍କ ବଡ଼ ଖଣି 'କୁର୍ମିତର ଖଣ୍ଡାଧାର' ଲୌହଖଣି। ଏଠାରୁ ହଜାର ହଜାର କୋଟି ରାଜସ୍ୱ ଯାଉଛି। ଲୋକଙ୍କ ବିକାଶ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ରହିଛି, ତଥାପି ବିକାଶ ଏଠାରେ ଅପହଞ୍ଚ।

## ସ୍ୱାଭିମାନ ଅଞ୍ଚଳର କଳାପାଣି

### ଓଡ଼ିଶା ପଞ୍ଚାୟତକୁ ଭରସା ଆନ୍ଧ୍ର ରାସ୍ତା



ମାଲକାନଗିରି,୬/୪: ଦଶନ୍ଧି ଦଶନ୍ଧି ଧରି ମାଓବାଦୀଙ୍କ କବ୍‌ଜାରେ ଥିଲା ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀ ପଞ୍ଚାୟତ। ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ମାଓ ସମସ୍ୟା ଦୂର ହେଲା। କିନ୍ତୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇ ରହିଗଲା। ଯାତାୟାତ ପାଇଁ ଜଳପଥରେ ଦେଶୀ ଡଙ୍ଗା ଓ ସ୍ଥଳପଥରେ ଆନ୍ଧ୍ର ନିର୍ମାଣ କରିଥିବା ରାସ୍ତା ହିଁ ଏକ ମାତ୍ର ଭରସା। ସରକାରଙ୍କ ଅନେକ ଯୋଜନା ସତ୍ତ୍ୱେ ଯାତାୟାତ ବ୍ୟବସ୍ଥା ସୁଗମ ହୋଇପାରୁନଥିବାରୁ କଳାପାଣି ଭଳି ଜୀବନ ବିତାଉଛନ୍ତି ଏହି ପଞ୍ଚାୟତର ଲୋକେ। ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ରହିଛି ୯ଟି ପଞ୍ଚାୟତ। ସବୁଠୁ ପଛୁଆ ଇଲାକା ଭାବେ ରହିଛି ଯନ୍ତ୍ରୀ ପଞ୍ଚାୟତ। ବ୍ଲକ୍ ସଦର ମହକୁମାରୁ ୮୦ କିମି ଓ ଜିଲ୍ଲା ସଦର ମହକୁମାରୁ ୧୫୦ କିମି ଦୂରରେ ରହିଛି ପଞ୍ଚାୟତ। ପଞ୍ଚାୟତକୁ ଯିବାକୁ ହେଲେ ଜଳପଥରେ ୬୦ କିମି ଯାତ୍ରା କରିବାକୁ ପଡ଼ିଥାଏ। ବ୍ଲକ୍ ସଦର ମହକୁମା ଚିତ୍ରକୋଣ୍ଡାରୁ ସକାଳ ୧୦ଟାରେ ବାହାରୁଥିବା ଯାତ୍ରୀବାହୀ ଲଞ୍ଚରେ ଗଲେ ସନ୍ଧ୍ୟାରେ ପହଞ୍ଚିହୁଏ ଯନ୍ତ୍ରୀରେ। ଏହି ପଞ୍ଚାୟତକୁ ଯିବା ପାଇଁ ଓଡ଼ିଶା ପକ୍ଷରୁ ସ୍ଥଳପଥରେ କୌଣସି ସଂଯୋଗୀକରଣ ନାହିଁ। ଆନ୍ଧ୍ରର ଘାଟି ଓ ଆବଡାଖାବଡା ରାସ୍ତା ଦେଇ ୮୦ କିମି ଗଲେ ଯନ୍ତ୍ରୀରେ ପହଞ୍ଚିଥାନ୍ତି ଲୋକେ। ଯନ୍ତ୍ରୀ ପଞ୍ଚାୟତରେ ୧୩ଟି ଗାଁ ଥିବା ବେଳେ ବାଲିମେଳା ଜଳଭଣ୍ଡାର ଭିତରେ ଜଳବନ୍ଦି ଅବସ୍ଥାରେ ରହିଛି ଆରଲମପଡ଼ା, ଡାବଗୁଡ଼ା ଏବଂ ଧାକଡ଼ପଦର ଗାଁ। ଏହି ଗାଁଗୁଡ଼ିକୁ ଯାତାୟାତ ପାଇଁ ଦେଶୀ ଡଙ୍ଗା ହିଁ ଭରସା। ଗାଁଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ଝରଣା ଓ ଚୁଆ ପାଣି ମେଣ୍ଟାଉଛି ଅଞ୍ଚଳବାସୀଙ୍କ ଶୋଷ। ଖରା, ବର୍ଷା ଓ ଶୀତ କାକର ସବୁବେଳେ ଚୁଆ ପାଣି ହିଁ ପିଇ ଆସୁଛନ୍ତି ଏଠିକାର ଲୋକେ। ମାଳମାଳ ସମସ୍ୟାରେ ଜର୍ଜରିତ ଗାଁଗୁଡ଼ିକର ବିକାଶ ନକ୍ସା ପ୍ରସ୍ତୁତ ହେଉଥିବା ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥା ମଧ୍ୟ ତଦ୍ରୂପ। ଭଙ୍ଗାଦଦରା ଆଇବେଷ୍ଟସ ଘରେ ପଞ୍ଚାୟତ କାର୍ଯ୍ୟାଳୟ ପରିଚାଳନା ହେଉଛି। ଅପହଞ୍ଚ ଇଲାକାରେ ବିକାଶକୁ ଗତିଶୀଳ କରିବା ଲାଗି ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଦାବି କରିଛନ୍ତି ପଞ୍ଚାୟତବାସୀ। ହେଲେ କୌଣସି ସୁଫଳ ମିଳିପାରୁନି। ଫଳରେ ଓଡ଼ିଶାରେ ଘର କରି ଆନ୍ଧ୍ର ଉପରେ ନିର୍ଭରଶୀଳ ଅଞ୍ଚଳବାସୀ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ପଚାରିବାରୁ ଓଡ଼ିଶା ପକ୍ଷରୁ ବ୍ରିଜ୍ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ଏଥି ସହ ପଞ୍ଚାୟତରେ କିଭଳି ସମସ୍ତ ମୌଳିକ ସୁବିଧା ପହଞ୍ଚିବ, ସେ ନେଇ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ନିମ୍ନମାନର ଛତୁଆ ଯୋଗାଣ: କଳାହାଣ୍ଡିକୁ ଅପପୁଷ୍ଟି ବିପଦ

### ୭ ବର୍ଷ ଧରି ଛତୁଆ ଯୋଗାଣର ହୋଇନି ଅଡିଟ୍



ଭବାନୀପାଟଣା,୬/୪: କଳାହାଣ୍ଡି ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଛତୁଆ ନିମ୍ନମାନର ଏବଂ ଏହାର ଯୋଗାଣ ଓ ବଣ୍ଟନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୨୩ ମସିହାରେ ୬ଟି ଏସ୍ଏଚ୍‌ଜିର ଛତୁଆ ନମୁନା ଲ୍ୟାବ୍‌ରେ ପରୀକ୍ଷା ପରେ ନିମ୍ନମାନର ଥିବା ରିପୋର୍ଟ ଆସିଥିଲା। ଏପରିକି ଗତ ୭ ବର୍ଷ ଧରି ଛତୁଆ ଯୋଗାଣର ଅଡିଟ୍ ମଧ୍ୟ ହୋଇ ନାହିଁ। ସୂଚନା ଅନୁସାରେ, ଜିଲ୍ଲାରେ ପ୍ରତି ମାସରେ ପ୍ରାୟ ୯ କୋଟି ଟଙ୍କାର ଛତୁଆ ବଣ୍ଟନ ହେଉଛି। ଏବେ ମଧ୍ୟ ଜିଲ୍ଲାରେ ଅପପୁଷ୍ଟିର ଶିକାର ହୋଇ ୪୩୪ ଜଣ ଶିଶୁ ରେଡ୍ ଜୋନ୍‌ରେ ଏବଂ ୩୭୬୧ ଜଣ ଶିଶୁ ୟେଲୋ ଜୋନ୍‌ରେ ଥିବା ସରକାରୀ ଭାବେ ଜଣାପଡ଼ିଛି। ଭବାନୀପାଟଣା ସହରାଞ୍ଚଳରେ ୮ ଜଣ ରେଡ୍ ଜୋନ୍, ୧୪୪ ଜଣ ୟେଲୋ ଜୋନ୍, ଭବାନୀପାଟଣା ସଦର ବ୍ଲକ୍‌ରେ ୫୪ ଜଣ ରେଡ୍ ଜୋନ୍ ଓ ୩୪୫ ୟେଲୋ ଜୋନ୍, ଧର୍ମଗଡ଼ ବ୍ଲକ୍‌ରେ ୧୧ ଜଣ ରେଡ୍ ଜୋନ୍ ଓ ୨୪୦ ଜଣ ୟେଲୋ ଜୋନ୍, ଗୋଲାମୁଣ୍ଡା ବ୍ଲକ୍‌ରେ ୩୩ ଜଣ ରେଡ୍ ଜୋନ୍ ଓ ୪୩୬ ଜଣ ୟେଲୋ, ଜୟପାଟଣା ବ୍ଲକ୍‌ରେ ୩୦ ରେଡ୍ ଜୋନ୍, ୩୬୪ ଜଣ ୟେଲୋ, ଜୁନାଗଡ଼ ବ୍ଲକ୍‌ରେ ୬୧ ଜଣ ରେଡ୍, ୪୩୯ ଜଣ ୟେଲୋ, କଳମପୁର ବ୍ଲକ୍‌ରେ ୬ ଜଣ ରେଡ୍ ଓ ୧୦୮ ଜଣ ୟେଲୋ, କର୍ଲାମୁଣ୍ଡା ବ୍ଲକ୍‌ରେ ୧୪ ଜଣ ରେଡ୍ ଓ ୧୨୪ ଜଣ ୟେଲୋ, କେସିଙ୍ଗା ବ୍ଲକ୍‌ରେ ୨୫ ଜଣ ରେଡ୍ ଓ ୩୦୧ ଜଣ ୟେଲୋ, କୋକସରା ବ୍ଲକ୍‌ରେ ୩୯ ରେଡ୍ ଓ ୨୭୦ ଜଣ ୟେଲୋ, ଲାଞ୍ଜିଗଡ଼ ବ୍ଲକ୍‌ରେ ୫୯ ରେଡ୍ ଓ ୩୩୯ ୟେଲୋ, ମ.ରାମପୁର ବ୍ଲକ୍‌ରେ ୧୭ ରେଡ୍, ୧୩୧ ଜଣ ୟେଲୋ, ନର୍ଲା ବ୍ଲକ୍‌ରେ ୩୦ ଜଣ ରେଡ୍, ୧୮୦ ଜଣ ୟେଲୋ, ଥୁଆମୂଳ ରାମପୁର ବ୍ଲକ୍‌ରେ ୪୭ ଜଣ ରେଡ୍ ଓ ୩୩୬ ଜଣ ୟେଲୋ ଜୋନ୍‌ରେ ଥିବା ସୂଚନା ମିଳିଛି। ଜିଲ୍ଲାରେ ଅଙ୍ଗନବାଡ଼ିଗୁଡ଼ିକରେ ସମୁଦାୟ ୧ ଲକ୍ଷ ୨୩ ହଜାର ୨୪୮ ଜଣ ଶିଶୁ ଥିବା ବେଳେ ୧ ଲକ୍ଷ ୧୮ ହଜାର ୮୧ ଜଣ ସାଧାରଣ ସ୍ଥିତିରେ ଅଛନ୍ତି। ୬ ମାସରୁ ୫ ବର୍ଷ ମଧ୍ୟରେ ଥିବା ୪୩୪ ଜଣ ଶିଶୁ ରେଡ୍ ଜୋନ୍‌ରେ ଅଛନ୍ତି। ଏହା ସମୁଦାୟ ଶିଶୁଙ୍କ ୦.୪% ଅଟେ। ସେହିଭଳି ୟେଲୋ ଜୋନ୍‌ରେ ସମୁଦାୟ ୩୭୬୧ ଜଣ ଶିଶୁ ଅଛନ୍ତି। ଜିଲ୍ଲାରେ ୨୨ଟି ଏସ୍ଏଚ୍‌ଜି ମାଧ୍ୟମରେ ଛତୁଆ ବଣ୍ଟନ ହେଉଥିବାବେଳେ ମାସକୁ ପ୍ରାୟ ୯ କୋଟିରୁ ଅଧିକ ଟଙ୍କାର ବିଲ୍ ହୋଇଥାଏ। କିନ୍ତୁ, ଗତ ୨୦୧୮-୧୯ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ଛତୁଆ ବାବଦରେ କୌଣସି ଅଡିଟ୍ ହୋଇ ନଥିବା ତଦନ୍ତସାପେକ୍ଷ। ୨୦୨୩ ମସିହାରେ ଲ୍ୟାବ୍ ପରୀକ୍ଷାରୁ ୬ଟି ଏସ୍ଏଚ୍‌ଜିର ଛତୁଆ ନିମ୍ନମାନର ଥିବା ରିପୋର୍ଟ ମିଳିଥିଲା। ଏ ନେଇ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୂନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିବାରୁ ୨୦୨୩ ମସିହାରେ ୬ଟି ଏସ୍ଏଚ୍‌ଜିର ନମୁନା ନିମ୍ନମାନର ଥିଲା, ସେମାନଙ୍କୁ ନୋଟିସ୍ ଦିଆଯାଇଥିବା ସେ କହିଥିଲେ।

## ଉନ୍ନୟନ କାର୍ଯ୍ୟରେ ବାଧକ ସାଜୁଛନ୍ତି ବିଧାୟକ

### ବିଭିନ୍ନ କାର୍ଯ୍ୟାଳୟ ଅଧିକାରୀଙ୍କୁ ଧମକ

ଜଗତସିଂହପୁର ତା୫।୪(ନିପ୍ର), ରାଜ୍ୟ ସରକାର ଓଡିଶାର ପ୍ରଗତିକୁ ଆଗେଇ ନେବାକୁ ଯାଇ ବିଭିନ୍ନ ବିଭାଗ ମାଧ୍ୟମରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। କୋଟି କୋଟି ଟଙ୍କା ବିନିମୟ କରି ପୂର୍ତ୍ତବିଭାଗ, ଗ୍ରାମ ଉନ୍ନୟନ ବିଭାଗ, ଜଳସେଚନ ବିଭାଗ, ଜଳ ପରିମଳ ବିଭାଗ ଓ ପଂଚାୟତ ସମିତି ମାଧ୍ୟମରେ ରାସ୍ତାଘାଟ, କୋଠାବାଡି, ଜଳସେଚନ ପାଇଁ ନଦୀବନ୍ଧ ଓ ପାନୀୟଜଳ ସହିତ ଜନ ସାଧାରଣଙ୍କ ମୌଳିକ ସୁବିଧାକୁ ପୂରଣ କରିବା ପାଇଁ ବିଭାଗ ଗୁଡିକୁ କଡା ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ମୁତାବକ ସରକାରଙ୍କ ବିଭିନ୍ନ ବିଭାଗ ଗୁଡିକ କାର୍ଯ୍ୟ କରୁଥିବା ବେଳେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଅଂଚଳରେ ଜନୈକ ବିଧାୟକ ନିଜର ସ୍ୱାର୍ଥ ସାଧନ ଓ ଲାଂଚଖୋର ମନବୃତି ରଖି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଧମକ ଚମକ ଦେଉଛନ୍ତି। ଏପରିକି ଉନ୍ନୟନ କାର୍ଯ୍ୟକୁ ବନ୍ଦ ରଖି ଠିକାଦାରଙ୍କୁ ମୋ ନିକଟକୁ ପଠାଅ ନଚେତ୍ ବଟି ଆଣି ମୋତେ ଦିଅ ଏବଂ ଟେଣ୍ଡର କାର୍ଯ୍ୟରେ ୧ଶତକଡା ବଟି ଆଣି ମୋତେ ଦିଅ। ବିଧାୟକଙ୍କ ଧମକରେ ଉନ୍ନୟନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡିଥିବା ଦେଖିବାକୁ ମିଳିଲାଣି। କିଛି ବିଭାଗୀୟ ଅଧିକାରୀ ବିଧାୟକଙ୍କ ଧମକରେ ଅତିଷ୍ଠ ହୋଇ ନିଜ ନାମ ଗୋପନ ରଖି ଗଣମାଧ୍ୟମରେ ନିଜ ଦୁଃଖ ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ ବିଧାୟକ ଜଣକ କଟକସ୍ଥିତ ନିଜ ବାସଭବନରେ ତିନିଗୋଟି ବ୍ଲକ୍ ଅଂଚଳର ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ଡାକି ଚାନ୍ଦା ମାଗିବା ସହିତ ମୋ ଚିଠା ବିନା ଅନ୍ୟ କାହାରି ଚିଠାରେ ମୋ ଅଂଚଳରେ କାର୍ଯ୍ୟ ନକରିବାକୁ ତାଗିଦ୍ କରିଛନ୍ତି। ବାରମ୍ବାର ଯନ୍ତ୍ରୀମାନଙ୍କୁ କଟକ ବାସଭବନକୁ ଡାକିବାରୁ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ଅଫିସ ଖାଲି ପଡୁଛି। ବିଧାୟକଙ୍କ ଏହି ଭଳି କାର୍ଯ୍ୟ ଅଂଛଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଲାଣି। ଜନ ସାଧାରଣ ବିଧାୟକଙ୍କୁ ପରୋକ୍ଷରେ ସମାଲୋଚନା କରିବା ଘଟଣା ବଢି ବଢି ଚାଲିଥିଲା ବେଳେ ସରକାର ଏ ସମ୍ପର୍କରେ ନଜର ଦେବା ପାଇଁ ସାଧାରଣରେ ଦାବୀ ହେଉଛି।

## ଗୋଚର ଜମି ଉପରେ ବେଆଇନ ଖଣି ଖନନ

### ଖଣି ବିଭାଗ ର ହସ୍ତକ୍ଷେପ ପରେ ସ୍ଥଗିତ




ଭବାନୀପାଟଣା ତା ୬/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ପଞ୍ଚାୟତ ଗ୍ରାମ କଲୋନୀ ରେ କିଛି ଦିନ ତଳେ ବାଲି ଓ ଖଣି ଖନନ ଚୋରା ଚାଲାଣ ପାଇ ଖୋଦ ମନ୍ତ୍ରୀ ମାନ୍ୟବର ବିଭୂତି ଭୂଷଣ ଜେନା ଓ ରାଜସ୍ୱ ମନ୍ତ୍ରୀ ମାନ୍ୟବର ସୁରେଶ ପୂଜାରୀ କଳାହାଣ୍ଡି ଗ୍ରସ୍ତ ରେ ଆସି କଳାହାଣ୍ଡି ଜିଲ୍ଲାପାଳ ଙ୍କ ସମ୍ମୁଖରେ ଖଣି ଅଧିକାରୀ କୁ ତାଗିଦ୍ କରିଥିଲେ । ଯାହାଫଳରେ ଖଣି ବିଭାଗ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରି କିଛି ଦିନ ହେଲା ଚର୍ଚ୍ଚାର ବିଷୟ ହୋଇଛି ।ପ୍ରାପ୍ତ ସୂଚନା ରୁ ଜଣାପଡୁଛି ଯେ ଆଜି କଳାହାଣ୍ଡି ଜିଲ୍ଲା କର୍ଲାମଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଙ୍ଗା ଗ୍ରାମପଞ୍ଚାୟତ ର କଲୋନୀ ପଡା ଠାରେ ଥିବା ଗୋଚର ଜାଗାରୁ ରୁ ବେଆଇନ ଭାବେ ମାଟି ଚୋରା ଚାଲାଣ ବେଳେ ଖଣି ବିଭାଗ ଖବର ପାଇ ତୁରନ୍ତ ଟିମ୍ ଆସି କରଲାମୁଣ୍ଡା ତହସିଲଦାର ଓ କର୍ଲାମୁଣ୍ଡା ଥାନା ଅଧିକାରୀ ଙ୍କ ସହଯୋଗ ରେ ବେଆଇନ ଖାନିଖନନ ଜାଗାକୁ ଯାଇ ଚଢାଉ କରିଥିଲେ ।ସୂଚନା ରୁ ଜଣା ପଡୁଛି ଜେ ଜୈନିକ ଠିକାଦାର ଜଣକ ଆ.ଡି ରାସ୍ତା ପୁଟି ଗାଁ ଛକ ଠାରୁ ତେରେସିଙ୍ଗା ରାସ୍ତା କାମର ଉନ୍ନତିକରଣ ପାଇଁ କାମ କରୁଛନ୍ତି ।କିନ୍ତୁ ଠିକାଦାର ବାବୁ ଜଣକ ବିନା ରୟାଲ୍ଟି ଓ ତହସିଲଦାର ଙ୍କ ବିନା ଅନୁମତିରେ ଗୋଚର ଜାଗା ରୁ ଯାହାର ଖାତା ନମ୍ବର ୮୧୯ ଓ ପ୍ଲଟ ନମ୍ବର ୪୧୦୧ ରୁ ବେଆଇନ ଭାବେ ମାଟି ଚୋରା ଚାଲାଣ କରୁଥିଲେ ।ଖବର ପ୍ରସାରିତ ସମୟ ପର୍ଯ୍ୟନ୍ତ ଖଣି ବିଭାଗ କେତେ ଜରିମନା କରିଛନ୍ତି ଜଣାପଡିନାହିଁ ।

## ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟରେ ଅଜବ ନିୟମ,ଛାତ୍ରୀଙ୍କୁ ମିଳୁନି ଆହାର



ନବରଙ୍ଗପୁର,୬/୪: ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ସମ୍ମୁଖରେ ଥିବା ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟ ଟି ତତ୍କାଳୀନ ନବରଙ୍ଗପୁର ଜିଲ୍ଲାପାଳ ସନ୍ତୋଷ କୁମାର ଷଡ଼ଙ୍ଗୀ ଙ୍କ କର କମଳ ରେ ଏହା ର ଶୁଭ ଉଦଘାଟିତ ହୋଇ ବିଦ୍ୟାଳୟ ଟି ଚାଲୁ ରହିଥିଲା। ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି କ୍ୟାଥଲିକ୍ ମିଶନ ତରଫରୁ ଚାଲିଥିଲା ।ଏହା ବ୍ରହ୍ମପୁର ଧର୍ମ ପ୍ରଦେଶ ଅଧିନରେ ରହିଥିଲା। ଏହି ବିଦ୍ୟାଳୟ ରେ ୬ଷ୍ଠ ରୁ ୧୦ମ ଶ୍ରେଣୀ ଯାଏ ବିଦ୍ୟାଳୟ ରେ ଛାତ୍ରୀ ମାନେ ନାମ ଲେଖାଇ ବିଦ୍ୟା ଅଧ୍ୟୟନ କରୁଛନ୍ତି ।କିଛି ବର୍ଷ ପରେ ଏହା ରାଜ୍ୟ ସରକାରଙ୍କ ବ୍ଲକ୍ ଗ୍ରାଣ୍ଟ ରେ ଅନ୍ତର୍ଭୁକ୍ତ ହୋଇଥିଲା। ସରକାରୀ ବିଦ୍ୟାଳୟ ରେ ଯେମିତି ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା ,ଏହି ବିଦ୍ୟାଳୟ ର ୬ଷ୍ଠ ରୁ ୮ମ ଶ୍ରେଣୀ ଯାଏ ପଢୁଥିବା ଛାତ୍ରୀ ମାନଙ୍କୁ ମଧ୍ୟ ସେମିତି ଦିନରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ପୂର୍ବ ସରକାର ଙ୍କ ଦ୍ୱାରା ମୋ ସରକାର ଙ୍କ ୫ଟି ରେ ଏହି ବିଦ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।ଏବେ ରାଜ୍ୟ ରେ ସରକାର ବଦଳିବାର ପ୍ରାୟ ୯ ମାସ ପରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଦେଉଥିବା ବେଳେ, ହଟାତ୍ ଏପ୍ରିଲ ମାସରୁ ୬ଷ୍ଠ ରୁ ୮ମ ଶ୍ରେଣୀ ଯାଏଁ ବନ୍ଦ ହୋଇଯାଇଛି। ଅପରପକ୍ଷରେ ବିଦ୍ୟାଳୟ ୟୁଡି କୋଡ଼୍ ୨୧୨୮୦୯୦୬୯୫୧ ଏହି ବିଦ୍ୟାଳୟ ରେ ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଚାଲୁ ରହିଥିବା ଜଣାପଡିଛି ।ଏ ନେଇଁ ଆମେ ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଇନ୍ଦ୍ରା ପଟ୍ଟନାୟକ ଙ୍କୁ ଯୋଗା ଯୋଗ କରିବାରୁ ସେ ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀ ଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ ।ଆମେ ଏ ନେଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହୋନ ମଧୁ ସୁଧନ ବାଗ ଙ୍କୁ ଯୋଗା ଯୋଗ କରିବାରୁ ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟ ଟି ଖ୍ରୀଷ୍ଟିଆନ୍ ମିଶନ ତରଫରୁ ଶିକ୍ଷା ବିଭାଗ ରେ ପଞ୍ଜି କରଣ ହୋଇନାହିଁ। ପଣସପଦର କିମ୍ୱା ତେନ୍ତୁଳିଖୁଣ୍ଟି ଯେ ଇ ଏଲ୍ ଚର୍ଚ୍ଚ ପଞ୍ଜୀ କରଣ ହୋଇଥିବାରୁ ସେ ବିଦ୍ୟାଳୟ ଗୁଡ଼ିକୁ ସରକାର ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି ।ଏହି ବିଦ୍ୟାଳୟ ର ଅନୁମତି ପାଇଁ ଆବେଦନ କରିଥିଲେ ସତ ,ହେଲେ ଏହା ଅନୁମତି ପାଇଁ ପାରି ନାହିଁ। ଏଠାରେ ପ୍ରଶ୍ନ ଉଠେ ଯେ, ଶିକ୍ଷା ବିଭାଗ ଅଧିକାରୀ କିଭଳି ଅନ୍ଧ ମୁଖ ଭଳି ବର୍ଷ ବର୍ଷ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଥିଲେ। ଅନୁମତି ନାହିଁ କହି , ପୁଣି କହିଛନ୍ତି କେବଳ ୯ମ ଓ ୧୦ମ କୁ ଅନୁମତି ରହିଛି ବୋଲି ।ଯାହା ଫଳ ରେ ୪ ଦିନ ହେଲା ବିଦ୍ୟାଳୟ ର ୬ଷ୍ଠ ରୁ ୮ମ ଛାତ୍ରୀ ମାନେ ମଧ୍ୟାହ୍ନ ଭୋଜନ କରିବେ ନାହିଁ।୯ମ ୧୦ମ ଶ୍ରେଣୀ ଛାତ୍ରୀ ମାନେ ହିଁ ଭୋଜନ କରିବେ। ଏହାକୁ ନେଇଁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଶିକ୍ଷା ମନ୍ତ୍ରୀ ଏହି ଜିଲ୍ଲା ରୁ ପ୍ରତିନିଧି ହୋଇଥିବାରୁ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନଇଁ ପୁନର୍ବାର ଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବେ ବୋଲି ଅଭିଭାବକ ମାନେ ଆଶା ବିଶ୍ୱାସ କରିଛନ୍ତି। ଆଗକୁ ଦେଖିବାର ବାକି ରହିଲା କେବେ , ୬ଷ୍ଠ ରୁ ୮ମ ଶ୍ରେଣୀ ଛାତ୍ରୀ ଙ୍କୁ କେବେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେଉଛନ୍ତି ।

## ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୁଷ୍କରିଣୀରେ ବୁଡି ନାବାଳକର ମୃତ୍ୟୁ

ଆରଡି: ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୁଷ୍କରିଣୀ କୂଳରେ ଗତ ଶୁକ୍ରବାର ରାତିରେ ଖେଳୁଥିବା ବେଳେ ପାଣିରେ ବୁଡିଯାଇ ୭ବର୍ଷର ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ମଣିବାବାଙ୍କ ସେବାୟତ ସତ୍ରାଜିତ ପାଢୀଙ୍କ ପୁଅ ଓମପ୍ରକାଶ ପାଢୀ(୭) ବୋଲି ଜଣାପଡ଼ିଛି। ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୁଷ୍କରିଣୀ କୂଳ ନିକଟରେ ସେବାୟତ ସତ୍ରାଜିତ ପାଢୀଙ୍କ ପୁଅ ଓମପ୍ରକାଶ ଖେଳୁଥିଲେ। ସେ ଖେଳୁଥିବା ସମୟରେ ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯାଇଥିଲେ। ଓମପ୍ରକାଶ ପାଣିରେ ବୁଡ଼ି ଯାଇଥିବା ଜାଣିପାରି ପୁଷ୍କରିଣୀ କୂଳ ନିକଟରେ ଥିବା ଘର ଲୋକ ଅନ୍ୟ ଲୋକଙ୍କୁ ଡାକ ପକାଇଥିଲେ। କିଛି ଲୋକ ଖୋଜାଖୋଜି ପରେ ଓମପ୍ରକାଶକୁ ପାଣି ଭିତରୁ ପାଇଥିଲେ। ପାଣିରୁ ଉଦ୍ଧାର ପରେ ପରିବାର ଲୋକ ପ୍ରଥମେ ଆରଡି ମେଡିକାଲ ଓ ପରେ ଭଦ୍ରକ ମେଡିକାଲ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଙ୍କୀର୍ତ୍ତନ ଭୋଜି ଖାଇ ଝାଡ଼ାବାନ୍ତିରେ ୪୬ ଆକ୍ରାନ୍ତ

କଳାବାଡିଆ , ୬/୪: ସଙ୍କୀର୍ତ୍ତନ ଭୋଜି ଖାଇ ୪୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ କାଶୀପାଳ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁବାର ସଂଧ୍ୟାରେ ସଙ୍କୀର୍ତ୍ତନ ପରେ ଭୋଜି ଖାଇଥିଲେ ଗ୍ରାମବାସୀ। ତେବେ ଅଧିକାଂଶ ଗ୍ରାମବାସୀଙ୍କୁ ଝାଡ଼ାବାନ୍ତି ହେବାରୁ ଏକ ଡ଼ାକ୍ତରୀ ଦଳ ଗ୍ରାମକୁ ଯାଇ ଚିକିତ୍ସା ଆରମ୍ଭ କରିଥିଲେ। ଗତକାଲି ୧୨ ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ଆଜି ସକାଳୁ ଆଉ ଜଣେ ଗୁରୁତର ହୋଇ ଶିର୍ଶା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପୁଣି ଏକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ ସ୍ୱତନ୍ତ୍ର ଟିମ ଗ୍ରାମକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କିଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଛି ତାକୁ ନେଇ ତଦନ୍ତ ଚାଲିଛି। ବର୍ତ୍ତମାନ ସ୍ଥିତି ଆୟତ୍ତରେ ଅଛି ବୋଲି ଡାକ୍ତର କହିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ